**ସଂକ୍ଷେପରେ**

## ଦୁର୍ଘଟଣାରେ ଜଣେ ମୃତ

ଜଳେଶ୍ୱର, ୧୬।୮: ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ନାମ୍ପୋ ନିକଟରେ ଏକ ବାଇକରେ ଦୁଇ ବନ୍ଧୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଖୁଣ୍ଟରେ ଧକ୍କା ଦେବାରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ବସ୍ତା ହସ୍‌ପିଟାଲକୁ ନିଆଯାଇଛି। ମୃତ ଯୁବକ ହେଲେ ଜଳେଶ୍ୱର ମ୍ୟୁନିସିପାଲିଟିର ମଣିପାଟଣା ଗ୍ରାମର ଶିବ ଜେନାଙ୍କ ପୁଅ ସତ୍ୟବ୍ରତ ଜେନା(୨୮) ଓ ଗୁରୁତର ଯୁବକ ହେଲେ ଫମ୍ପା ଜେନା। ଦୁର୍ଘଟଣା ଜଳେଶ୍ୱର ନିକଟରେ ହୋଇଥିଲେ ମଧ ଜଳେଶ୍ୱର ଜି.କେ. ଭଞ୍ଜ ହସ୍‌ପିଟାଲରେ ଘଟିଥିବା ଗଣ୍ଡଗୋଳ ଯୋଗୁ ବର୍ତ୍ତମାନ ହସ୍‌ପିଟାଲ ବନ୍ଦ ଥିବାରୁ ଗୁରୁତର ଯୁବକଙ୍କୁ ବସ୍ତା ହସ୍‌ପିଟାଲକୁ ନିଆଯାଇଥିବା ଜଣାପଡିଛି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ରେମୁଣା, ୧୬।୮(ଡି.ଏନ.ଏ.)-ସ୍ୱାଧୀନତା ଦିବସ ଉପଲକ୍ଷେ ବାଲିଆସ୍ଥିତ ଭାଜପା କାର୍ଯ୍ୟାଳୟରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ୨୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ପ୍ରଥମେ ଚନ୍ଦନ ତିଳକ ଲଗାଇ ସ୍ୱାଗତ କରାଯିବା ସହିତ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶଶଧର ନାୟକ, ପ୍ରଦୀପ କୁମାର ସାହୁ, ମହେଶ୍ୱର ବେହେରା, କ୍ୟାପଟେନ ଭାସ୍କର ଚନ୍ଦ୍ର ମଲିକ, ପି.ଏନ. ପଣ୍ଡା, ସନ୍ତୋଷ ସାହୁ, ଡି. କେ. ପଣ୍ଡା, କେ. ବି. ମହାନ୍ତ, ଜି. ଏସ୍. ଜେନା, ରମେଶ ସାହୁ, ବିନୋଦ ମହାନ୍ତି, ବିଶ୍ୱଜିତ ଦାସ, ଡମ୍ବରୁଧର ରାଉତ, ବିଜୟ କୁମାର ପଣ୍ଡା, ମହେଶ୍ୱର ଗିରି ପ୍ରମୁଖ ସେମାନଙ୍କ କାର୍ଯ୍ୟକାଳ ସମୟର ସ୍ମରଣୀୟ ଘଟଣାର ସ୍ମୃତିଚାରଣ କରିଥିଲେ। ପରେ ରେମୁଣା ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଦାସ, ସରପଞ୍ଚ ବାସନ୍ତୀ ଗିରି, ଭାଜପା ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ଜିଲାପରିଷଦ ସଭ୍ୟା ସରିତା ଗିରିଙ୍କ ସମେତ ନାରୀନେତ୍ରୀ କମଳା ବିନ୍ଧାଣୀ, ରମାମଣୀ ସେନାପତି, କାଦମ୍ବିନୀ ମହାପାତ୍ର, ହେମନ୍ତ କୁମାର ଦାସ, ମନୋରମା ପାଢ଼ୀ, ଗୀତାରାଣୀ ସାମଲ ସେମାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପଞ୍ଚାୟତ ଗୃହ ଉଦ୍‌ଘାଟିତ

ବସ୍ତା, ୧୬।୮(ସ୍ୱ.ପ୍ର.):ବସ୍ତା ବ୍ଲକ କୁଡିଆ ପଞ୍ଚାୟତରେ ଗୁରୁବାର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ପରିକ୍ଷୀତ ମହାଳିକ, ଜିଲା ପରିଷଦ ସଦସ୍ୟ ତ୍ରିଲୋଚନ ବେହେରା ସଭାପତି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ଦେବୀକା ସୋରେନ , ସମିତି ସଭ୍ୟା ଫୁଲମଣି ମୁର୍ମୁ, କନିଷ୍ଠ ଯନ୍ତ୍ରୀ ଭୀମ ଚରଣ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ପୁରୁଷୋତ୍ତମ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ପାଇଁ ରକ୍ଷାବନ୍ଧନ ଉତ୍ସବ

ରୂପ୍‌ସା, ୧୬।୮(ଡି.ଏନ୍.ଏ.)



ନୀଳରକ୍ତ କଙ୍କଡା ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଦିଗରେ ସରକାର ଯତ୍ନବାନ ହେବାର ସମୟ ଆସିଛି। ବିରଳ ଓ ବିଲୁପ୍ତପ୍ରାୟ ଏହି କଙ୍କଡ଼ାର ସୁରକ୍ଷା ଓ ତା ସମ୍ପର୍କରେ ଗବେଷଣା ପାଇଁ ବାଲେଶ୍ୱରରେ ଏକ ଗବେଷଣାଗାର ପ୍ରତିଷ୍ଠା ଜରୁରୀ ବୋଲି ରକ୍ଷାବନ୍ଧନ ଉତ୍ସବରେ ଉପସ୍ଥିତ ଗବେଷକ ଓ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସାର୍ଥା ବାଂଶୀ ବଜାରରେ ଗୁରୁବାର ନୀଳରକ୍ତ କଙ୍କଡ଼ାର ସୁରକ୍ଷାର ସଚେତନତା ପାଇଁ ତୃତୀୟ ବାର୍ଷିକ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ଜୈବ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ମୁଖ୍ୟ ପ୍ରଫେସର ବିଷ୍ଣୁପ୍ରସାଦ ଦାସ ଯୋଗଦେଇ ବାଲେଶ୍ୱରରେ ଗବେଷଣାଗାର ପ୍ରତିଷ୍ଠା ହେଲେ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଓ ଗବେଷଣା କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବାଂଶୀ ୟୁଥ୍ କମିଟି ସଭାପତି ବରୁଣ କୁମାର ସାହୁ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଅମର୍ଦ୍ଦା ସିଦ୍ଧେଶ୍ୱର ମହାବିଦ୍ୟାଳୟର ପ୍ରାଧ୍ୟାପକ ଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ସମ୍ମାନନୀୟ ଅତିଥି ଭାବେ ଆସୋସିଏଶନ ଫର୍ ବାୟୋଡାଇଭର୍ସିଟି କଞ୍ଜରଭେଶନର ନିର୍ଦ୍ଦେଶକ ଓ. ସିଦ୍ଧାର୍ଥ ପତି, ହର୍ସ କ୍ରାବ ଫାଉଣ୍ଡେଶନର ନିର୍ଦ୍ଦେଶକ ସୁଧାକର ସେଠୀ, ନୀଳରକ୍ତ କଙ୍କଡ଼ା ସୁରକ୍ଷାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଭଲ ଭାବେ ହୃଦବୋଧ କରିଥିବା କହିଥିଲେ। ହର୍ସ କ୍ରାବ ଫୋରମ ଅନ୍ତର୍ଗତ ଜିଲାର ପ୍ରମୁଖ ସଙ୍ଗଠନ ଏବିସି, ବାଲେଶ୍ୱର କଳାକେନ୍ଦ୍ର, ଇଣ୍ଡୋସ୍ୱିଡିସ୍ ରୁମାଟୋଲଜି ଫାଉଣ୍ଡେଶନ, ଯୁବ ବିକାଶ, ଦଶଧ୍ୱଳୀର ଫୁଲ, ଅମର ଯବାନ ସଙ୍ଗଠନ ଓ ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କର୍ମକର୍ତ୍ତା ଯୋଗଦେଇ ସାର୍ଥାରେ ଜନସାଧାରଣ ଓ ପରସ୍ପର ମଧ୍ୟରେ ରକ୍ଷାବନ୍ଧନ ଉତ୍ସବ ପାଳନ କରି ନୀଳରକ୍ତ କଙ୍କଡ଼ା ସୁରକ୍ଷା ଦିଗରେ ଶପଥ ନେଇଥିଲେ। ଏହି ଅବସରରେ ସମୁଦ୍ର ନିକଟ ସାର୍ଥା ମୁହାଣକୁ ଅତିଥିମାନେ ଯାଇ ବହୁ ମୃତ ନୀଳରକ୍ତ କଙ୍କଡ଼ା ଉଦ୍ଧାର କରିଥିଲେ। ଶେଷରେ ୟୁଥ୍ କମିଟି ସମ୍ପାଦକ କମଳାକାନ୍ତ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

- ବାଲେଶ୍ୱରରେ ଗବେଷଣାଗାର ପ୍ରତିଷ୍ଠା ଜରୁରୀ
- ସୁରକ୍ଷା ପାଇଁ ଶପଥ ନେଲେ ମତ୍ସ୍ୟଜୀବୀ

# ଅନ୍ତେବାସୀଙ୍କ ସହ ଦିନଟିଏ


ଏସ୍‌ଆର ଗ୍ରୁପର ସଦସ୍ୟଙ୍କ ଗହଣରେ ଅନ୍ତେବାସୀ।

ଖଇରା, ୧୬।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଡଗରପଡାରେ ରହିଛି ବିବେକ ଭାରତୀ ସେବାଶ୍ରମ। ଏହି ଆଶ୍ରମରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଗଜପତି ଆଦି ଜିଲାରୁ ୬୮ଜଣ ପିଲା ରହୁଛନ୍ତି। ଅନ୍ତେବାସୀଙ୍କ ସହ ମିଶି ଏସ୍‌ଆର ଗ୍ରୁପ ଅଧ୍ୟକ୍ଷ ଇଂ. ରାଜେଶ ମହାକୁଡ ଓ ଅନ୍ୟ ସଦସ୍ୟମାନେ ଗୁରୁବାର ସ୍ୱାଧୀନତା ଦିବସ ଓ ରକ୍ଷାବନ୍ଧନ ପାଳନ କରିଛନ୍ତି। ଏଥିରେ ତାଙ୍କ ପୁଅ ସୂର୍ଯ୍ୟାଂସୀ, ମାତା ସୁକାନ୍ତି ଓ ପିତା ତଥା ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ମହାକୁଡ ଏବଂ ଏସ୍‌ଆର ଗ୍ରୁପ ସଦସ୍ୟ ସାମିଲ ହୋଇଥିଲେ। ଏହି ଉତ୍ସବ ପାଳନ ବେଳେ ସମସ୍ତେ ଭାବବିହ୍ୱଳ ହୋଇ ପଡିଥିଲେ। ଏଭଳି ପିଲାମାନଙ୍କ ସହ ଦିନ ବିତାଇ ଉଭୟ ପିତା ରାମଚନ୍ଦ୍ର ଓ ପୁଅ ରାଜେଶ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି । ଆଶ୍ରମ ସ୍କୁଲରେ ଶିକ୍ଷକତା କରୁଥିବା ହୃଷୀକେଶ ବେହେରା, ମୀନାକ୍ଷୀ ଦଳେଇ, ସୁଲୋଚନା ସୂତାର, ରାମଦାସ ଭାରତୀ, ପର୍ଶୁରାମ ରାଉତ, ଶ୍ରୀଧର ପଣ୍ଡା ତଥା ଡଗରପଡାର ବିମ୍ବାଧର ଦଳେଇ, ଗଙ୍ଗାଧର ଦଳେଇ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତିସଭ୍ୟ ରବୀନ୍ଦ୍ର ମହାନ୍ତି, କୌଶିକ ଭୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ନିଜର ଜୀବନକୁ ଏହି ଅନାଥ ଶିଶୁଙ୍କ ପାଇଁ ଉତ୍ସର୍ଗ କରିଥିବା ସଞ୍ଚାଳକ ଲମ୍ବୋଦର ଦଳେଇଙ୍କ ସହ ଆଲୋଚନା ଅବସରରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ମାଗଣା ଚାଉଳକୁ ୪ମାସ ଧରି ବନ୍ଦ କରିଦିଆଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ।

# ଗଛରେ ରାଖୀ ବାନ୍ଧିଲେ ଛାତ୍ରୀଛାତ୍ର, ଶିକ୍ଷକ

ଖଇରା, ୧୬।୮(ଡି.ଏନ.ଏ.)

ପ୍ରତ୍ୟେକ ବର୍ଷ ପରି ଖଇରା ବ୍ଲକ ଅଧୀନ ଗଡପୋଖରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଥିବା ଗଛରେ ରାଖି ବାନ୍ଧୀ ସୁସ୍ଥ ପରିବେଶ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ହୋଇସାରିବା ପରେ ପ୍ରଧାନଶିକ୍ଷକ ପରେଶ ପ୍ରସାଦ ଦକ୍ଷିଣରାୟଙ୍କ ନେତୃତ୍ୱରେ ହତା ଭିତରେ ଥିବା ଶାଳ, ଶାଗୁଆନ, ଆକାଶି, ଆମ୍ବ ଆଦି ଗଛ ଗୁଡିକରେ ରାଖୀ ସମାଜକୁ ଏକ ଭିନ୍ନ ବାର୍ତ୍ତା ପ୍ରଦାନ କରିବାକୁ ପ୍ରୟାସ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ରତ୍ନମଣି ନାୟକ, ସନ୍ଧ୍ୟାରାଣୀ ବେହେରା, ସରସ୍ୱତୀ ସାହୁ, ଝରଣା ଦାସ, ପବିତ୍ର ମୋହନ ପଣ୍ଡା, ମହେନ୍ଦ୍ର ପଣ୍ଡା ପ୍ରମୁଖ ସହାୟତା କରିଥିଲେ।

## ସରିଲା ଝୁଲଣ ଯାତ୍ରା

ରୂପ୍‌ସା, ୧୬।୮ (ଡି.ଏନ୍.ଏ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୩ଦିନ ବ୍ୟାପି ସାର୍ବଜନୀନ ଝୁଲଣଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମହେନ୍ଦ୍ର ସାହୁ ଓ ସମ୍ପାଦକ ଚନ୍ଦନ ସାହୁଙ୍କ ତତ୍ତ୍ୱାବଧାନରେ ରାଧାକୃଷ୍ଣଙ୍କ ବିଗ୍ରହକୁ ବିମାନରେ ବିଜେ କରାଯାଇଥିଲା। ଶତାଧିକ ଭକ୍ତଙ୍କ ଗହଣରେ ଶିବ ମନ୍ଦିର ପରିସରରେ ପୂଜାର୍ଚ୍ଚନା ପୂର୍ବକ ଝୁଲଣ ଯାତ୍ରା ସମ୍ପନ୍ନ ହୋଇଥିଲା। ବିଶିଷ୍ଟ ପ୍ରବଚକ ତଥା 'ବେଦପୀୟୁଷ' ପତ୍ରିକାର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ଆଧ୍ୟାତ୍ମିକ ପ୍ରବଚନ ଶୁଣାଇଥିଲେ। ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାଣି ଓ ପିଙ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ଆର୍ଯ୍ୟ ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ରୂପ୍‌ସା ଥାନା ଅନ୍ତର୍ଗତ ବାଖରାବାଦସ୍ଥିତ ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦ ଆଶ୍ରମରେ ମଧ ଝୁଲଣ ଉତ୍ସବ ପାଳିତ ହୋଇଥିଲା। ଆଶ୍ରମ ପ୍ରତିଷ୍ଠାତା ଚକ୍ରଧର ଦାସ ବାବାଙ୍କ ଆଶୀର୍ବାଦକୁ ପାଥେୟ କରି ଗୁରୁଚରଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଯଥାବିଧି ନିଷ୍ଠାର ସହ ପୂଜାର୍ଚ୍ଚନା ହୋଇଥିଲା। ଶତାଧିକଳ ମହିଳା, ପୁରୁଷ ଭକ୍ତଙ୍କ ଉଦ୍ଦେଶ୍ୟରେ ଠାକୁରଙ୍କ ଚରଣରେ ଅର୍ଘ୍ୟ ଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

ବାଲେଶ୍ୱର ଅଫିସ୍, ୧୬।୮

ବାଲେଶ୍ୱର ରିକ୍ସାଚାଳକ ସଂଘ ତରଫରୁ ସ୍ଥାନୀୟ ବିଚାରଗଞ୍ଜ ଛକସ୍ଥିତ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଉତ୍ତୋଳନ କରିଥିଲେ। ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ତାରିଣୀ ନର୍ସିଂ ହୋମ ନିକଟସ୍ଥ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟପତାକାକୁ ଡା. ତାରାକାନ୍ତ ନନ୍ଦ ଉତ୍ତୋଳନ କରିଥିଲେ। ସହଦେବଖୁଣ୍ଟା ବ୍ୟାସକବିନଗର ବିକାଶ ପରିଷଦ ତରଫରୁ ୭୩ତମ ସ୍ୱାଧୀନତା ଦିବସର ଜାତୀୟ ପତାକାକୁ ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର ଉତ୍ତୋଳନ କରିଥିଲେ। ପତୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନ ସମ୍ମୁଖରେ ଏଆଇଟିୟୁସି ତରଫରୁ ଜିଲା ସଭାପତି ଭାଗବତ ପ୍ରତିହାରୀ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ।

**ଖଇରା,(ଡି.ଏନ.ଏ.)**–ଖଇରା ବ୍ଲକର ପୁରପଲ୍ଲୀରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଖଇରା ଜଳସେଚନ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ ସେଠୀ ତ୍ରିରଙ୍ଗା ଉଡାଇଥିଲେ। କନିଷ୍ଠଯନ୍ତ୍ରୀ ବରେନ୍ଦ୍ର ସେଠୀ, ଦେବୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ଆଦର୍ଶ ଶିକ୍ଷାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖଇରା ଷ୍ଟେଟ ବ୍ୟାଙ୍କ ଶାଖାର ପରିଚାଳକ ପ୍ରଦୀପ କୁମାର ନୂଆନ ପତାକା ଉତ୍ତୋଳନ କରିଥିଲେ। ଖଇରା ବ୍ଲକରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ତହସିଲରେ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଖଇରା ସରସ୍ୱତୀ ଶିଶୁ ମନ୍ଦିରରେ ଖଇରା ଥାନା ଏଏସ୍‌ଆଇ ଅଶ୍ୱିନୀ କୁମାର ବେହେରା, ଖଇରା ପ୍ରେସକ୍ଲବରେ ଖବରଦାତା ବଳରାମ ପଣ୍ଡା, ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା ମୃତ୍ୟୁଞ୍ଜୟ ବିଶ୍ୱାଳ ପ୍ରମୁଖ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଗଣ୍ଡବେଡ ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ମଦନମୋହନ ମହଲା ପତାକା ଉତ୍ତୋଳନ କରିଥିଲେ। ଖଇରା କଲେଜରେ ଅଧ୍ୟକ୍ଷ ଡ ପ୍ରମୋଦ କୁମାର ଉପାଧ୍ୟାୟ, କୁପାରୀ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଞ୍ଚାନନ ଲେଙ୍କା, ନହଙ୍ଗ ପଞ୍ଚାୟତ ସମିତି ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଅନିତାରାଣୀ ନାୟକ ପତାକା ଉତ୍ତୋଳନ କରିଥିଲେ।

**ବାଲିଆପାଳ, (ସ୍ୱ.ପ୍ର.)**–ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ ପରିସରରେ ଅନୁଷ୍ଠିତ ସ୍ୱାଧୀନତା ସମାରୋହରେ ପଞ୍ଚାୟତ ସମିତ ଅଧ୍ୟକ୍ଷ ବିଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବାଲିଆପାଳ କ୍ରୀଡା ମହାବିଦ୍ୟାଳୟରେ ପରିଚାଳନା କମିଟି ସଭାପତି ବିଶିଷ୍ଟ କୃଷି ବିଜ୍ଞାନୀ ତଥା ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡ. ଅଦ୍ୱୈତ୍ୟ ପାତ୍ର ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡରେ ଅଭିବାଦନ ଗ୍ରହଣ କରି ସ୍ୱାଧୀନତା ସଂଗ୍ରାମରେ ପ୍ରଣବଳି ଦେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଯୁବସମାଜ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।

**ରୂପ୍‌ସା, (ଡି.ଏନ.ଏ.)**–ବାଲେଶ୍ୱର ସଦର ବ୍ଲକ ତଥା ରୂପ୍‌ସା ଥାନା ଅଞ୍ଚଳରେ ଗୁରୁବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଲଛମନଖୁଣ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଳ୍ପପତି ଅବଦୁଲ ଅମୀନ ଖାନ, ଗଡ଼ପଦା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କାଳିଚରଣ ଜେନା, ରାଉତପଡ଼ା ସେବା ସମବାୟ ସମିତିରେ ଚେୟାରମ୍ୟାନ ହରେନ୍ଦ୍ର କୁମାର ଦାସ, ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡ଼ିକାଲ ଅଫିସର ଡା. ବିନୟ କୁମାର ଦାସ ମହାପାତ୍ର, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟରେ ଅଧ୍ୟାପକ ଡ. ତପନ କୁମାର ବେହେରା, ନୀଳମଣି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା, ରୂପ୍‌ସା ଥାନାରେ ଏଏସ୍‌ଆଇ ନରହରି ମହାଳିକ, ବାହାବଳପୁର ସାମୁଦ୍ରିକ ଥାନାରେ ଆଇଆଇସି ଲକ୍ଷ୍ମଣ ବେହେରା, ନିଳବାଡ଼ଇ ଅଗ୍ରଗାମୀ କ୍ଲବରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଓ ବୀଣାପାଣି ଶିଶୁମନ୍ଦିରରେ ଶିକ୍ଷାବିତ ନିତ୍ୟାନନ୍ଦ ପଟ୍ଟନାୟକ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଅଞ୍ଚଳ ପରିକ୍ରମା କରି ପ୍ରଭାତଫେରିରେ ସାମିଲ ହୋଇଥିଲେ।

**ବାହାନଗା,(ଡି.ଏନ.ଏ.)**–ବାହାନଗା ବ୍ଲକର ବିଭିନ୍ନ ସ୍ଥାନ ଓ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବାହାନଗା ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ସରସ୍ୱତୀ ମହାଳିକ ପତାକା ଉତ୍ତୋଳନ କରିଥିଲେ। ସେହିପରି ଖନ୍ତାପଡା ଥାନା ପରିସରରେ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ, ଗୋପାଳପୁର ଫାଣ୍ଡିରେ ଏସ୍‌ଆଇ ବଂଶୀଧର ପ୍ରଧାନ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ । ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋର ବିଧାୟକ ପର୍ଶୁରାମ ଧଡା ପତାକା ଉତ୍ତୋଳନ କରିଥିଲେ।


ବାହାନଗାର ଏକ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ପ୍ରଭାତଫେରି କରୁଛନ୍ତି।

## ପାଣି ପିଇବା ବାହାନାରେ ସୁନାଚେନ୍ ଲୁଟ୍ ଉଦ୍ୟମ
# ଲୋକେ ନିର୍ଘୂମ ପିଟିବା ପରେ ପୋଲିସ ଜିମା ଦେଲେ

ବାହାନଗା, ୧୬।୮(ଡି.ଏନ.ଏ.)

ବାହାନଗା ଦରଡିଆସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ଘରକୁ ଜଣେ ଯୁବକ ପାଣି ପିଇବା ବାହାନାରେ ଯାଇ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ କରି ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ଶେଷରେ ଲୋକଙ୍କ ହାତରେ ଧରାପଡି ନିର୍ଘୂମ ମାଡ ଖାଇଛନ୍ତି। ପରେ ତାଙ୍କୁ ପୋଲିସ ଜିମା ଦିଆଯାଇଛି।

ଦରଡିଆଠାରେ ବିଜୟଲକ୍ଷ୍ମୀ ଦାସଙ୍କ ଘରେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ବେଳେ ହଳଦୀପଦା ଅଞ୍ଚଳର ତ୍ରିରଙ୍ଗା ଗ୍ରାମର ଜୟଦେବ ପ୍ରଧାନ ଅନ୍ୟ ଦୁଇଜଣ ସାଥିଙ୍କ ସହିତ ମହିଳାଙ୍କ ଘର ଆଗରେ ପହଞ୍ଚିଥିଲେ। ତେବେ ଗାଡି ଚାଳକ ଓ ଅନ୍ୟ ଜଣେ ଯୁବକ ଘର ଆଗଠାରୁ ବିଇଓ ଅଫିସ୍ ନିକଟରେ ମୋଟର ସାଇକେଲରେ ଛିଡା ହୋଇ ଥିବା ବେଳେ ଜୟଦେବ ପାଣି ପିଇବା ବାହାନାରେ ବିଜୟଲକ୍ଷ୍ମୀଙ୍କ ଘରକୁ ଯାଇଥିଲେ। ସେଠାରେ ପାଣି ପିଇବା ପାଇଁ ମାଗିବାରୁ ବିଜୟଲକ୍ଷ୍ମୀ ଘର ଭିତରୁ ପାଣି ଆଣି ଯୁବକଙ୍କୁ ଦେଇଥିଲେ । ତେବେ ଯୁବକ ଆଉ ଏକ ଗ୍ଲାସ ପାଣି ପିଇବା ପାଇଁ ମାଗିବାରୁ ମହିଳା ଜଣକ ବୁଲିପଡି ଘର ଭିତରକୁ ଯିବା ବେଳେ ଜୟଦେବ ପଛପଟୁ ମହିଳା ପିନ୍ଧିଥିବା ସୁନା ଚେନକୁ ଛିଡାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏହି ସମୟରେ ମହିଳା ଜଣକ ଚିତ୍କାର କରିବାରୁ ଘରେ ଥିବା ତାଙ୍କର ଦୁଇ ବୋହୂ ରାସ୍ତାକୁ ଆସି ଚୋର ଚୋର ବୋଲି ଡାକ ପକାଇବାରୁ ଲୋକମାନେ ତାଙ୍କୁ ଧରିବା ପାଇଁ ଗୋଡାଇଥିଲେ। ଫଳରେ ମୋଟରସାଇକେଲ ଷ୍ଟାର୍ଟ୍ କରି ଜଗି ରହିଥିବା ଦୁଇ ଯୁବକଙ୍କୁ ଜୟଦେବ ସୁନା ଚେନ ବଢାଇ ଦେବା ସହିତ ଗାଡିରେ ଚଢି ନ ପାରିବାରୁ ବିଲ ଆଡକୁ ଦୌଡିଥିଲେ। ଫଳରେ ଲୋକମାନେ ବିଲରେ ଦୌଡି ଦୌଡି ଚେନ୍ ଚୋରି କରିଥିବା ଯୁବକଙ୍କୁ କାବୁ କରି ଉତ୍ତମ ମଧ୍ୟମ ଛେଚିଥିଲେ। ଖବରପାଇ ଖନ୍ତାପଡା ଥାନା ପୋଲିସ୍ ପହଞ୍ଚିବାରୁ ଲୋକମାନେ ଯୁବକଙ୍କୁ ପୋଲିସ ଜିମା ଦେଇଥିଲେ।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ
# ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭା ସମ୍ବର୍ଦ୍ଧିତ

ବାଲେଶ୍ୱର ଅଫିସ୍, ୧୬।୮


ମୁଖ୍ୟଅତିଥି ମନ୍ତ୍ରୀ ଅଶୋକ ପଣ୍ଡା ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ବାଲେଶ୍ୱର ସଦରମହକୁମା ସ୍ଥିତ ପୋଲିସ ପଡିଆରେ ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ ସରକାର ୫ 'ଟି' ଅର୍ଥାତ ସମୟାନୁବର୍ତ୍ତିତା, ସ୍ୱଚ୍ଛତା, ବୈଷୟିକ ଜ୍ଞାନ, ଦଳଗତ କାର୍ଯ୍ୟ ଏବଂ ରୂପାନ୍ତରଣକୁ ଗୁରୁତ୍ୱ ଦେଇଥିବା ପ୍ରକାଶ କରି ବିଭିନ୍ନ ସରକାରୀ ଯୋଜନାରେ ଲୋକଙ୍କ ହିତସାଧନ ଦିଗରେ ସରକାର ବ୍ରତୀଥିବା କହିଥିଲେ। ବାଲେଶ୍ୱର ଜିଲାର ସ୍ୱାଧୀନତା ସଂଗ୍ରାମରେ ଥିବା ଉଲ୍ଲେଖନୀୟ ଅବଦାନର ସ୍ମୃତିକୁ ଅବତାରଣ କରି ସେମାନଙ୍କ ଦେଶଭକ୍ତି ଏବଂ ଆତ୍ମବଳିଦାନ ଏ ଦେଶକୁ ସ୍ୱାଧୀନତା ଆଣିଦେଇଥିବା ଦର୍ଶାଇଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୨୦୧୯ ମସିହାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ମାଟ୍ରିକ ଛାତ୍ର ଗୌତମ ଦାସ ଓ ଯୁକ୍ତ ଦୁଇ ବିଜ୍ଞାନରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ପ୍ରୀତିଶ ବେହେରା, ଶ୍ରେଷ୍ଠ ଶିକ୍ଷକ ଭାବେ ପଦ୍ମଲୋଚନ ପ୍ରଧାନ, ଶ୍ରେଷ୍ଠ ଆଶାକର୍ମୀ ଭାବେ ଅଣୁକା ରାଜ, ଶ୍ରେଷ୍ଠ ପ୍ରାଣୀଧନ ନିରୀକ୍ଷକ ହୃଷୀକେଶ ପ୍ରଧାନ, ଶ୍ରେଷ୍ଠ ଗ୍ରାମସେବକ କେଶବ ଚନ୍ଦ୍ର ପ୍ରଧାନ, ଶ୍ରେଷ୍ଠ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅଜୟ କୁମାର ସାହୁ, ଶ୍ରେଷ୍ଠ ଗ୍ରାମ ରୋଜଗାର ସେବକ ସୁପର୍ଣ୍ଣା ସବିତା ମହାପାତ୍ର, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ମୋନାଲିସା ଭୋଇ, ଶ୍ରେଷ୍ଠ ରାଜସ୍ୱ ନିରୀକ୍ଷକ ଭାବେ ଶୁଭେନ୍ଦୁ କୁମାର ସାହୁ ଓ ମମତା ରାଜ, ଶ୍ରେଷ୍ଠ ଗୃହରକ୍ଷୀ ସହଦେବ ଜେନା, ଶ୍ରେଷ୍ଠ କନଷ୍ଟେବଳ ରବୀନ୍ଦ୍ର କୁମାର ମହାନ୍ତି, ଶ୍ରେଷ୍ଠ ପୋଲିସ ସର୍ଜେଣ୍ଟ ପ୍ରଶାନ୍ତ କୁମାର ରଣସିଂହଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆୟୋଜିତ ପରେଡ୍‌ରେ ଆର୍ମଡ ରିଜର୍ଭ ପୋଲିସର ଗୋଟିଏ ପ୍ଲାଟୁନ ଓ ପୋଲିସ ବ୍ୟାଣ୍ଡର ଗୋଟିଏ ପ୍ଲାଟୁନ ସହ ସମୁଦାୟ ୫୨ ପ୍ଲାଟୁନ ଥିଲେ। ରିଜର୍ଭ ଇନ୍ସପେକ୍ଟର ଦିଲୀପ ସାମନ୍ତରାୟ ଏହି ପରେଡର ନେତୃତ୍ୱ ନେଇଥିଲେ। ତାଙ୍କୁ ସେକେଣ୍ଡ-ଇନ-କମାଣ୍ଡ ରାଜୀବ କୁମାର ମାରାଣ୍ଡି ସହଯୋଗ କରିଥିଲେ। ପୋଲିସ ଲାଇନ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରେ ସ୍ଥାନୀୟ ଜିଲା ଡାକ୍ତରଖାନାଠାରେ ମୁଖ୍ୟଅତିଥି ରକ୍ତଦାନ ଶିବିରର ଉଦ୍‌ଘାଟନ ଓ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସେଠାରୁ ହାଣ୍ଡିକ୍ୟାପ ୱେଲଫେୟାର ଇନ୍‌ଷ୍ଟିଚ୍ୟୁଟ ଯାଇ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଗହଣରେ କିଛି ସମୟ ବିତାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଉତ୍କଳ ବାଳାଶ୍ରମଠାରେ ୫୦ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରିଚାଳିତ ତିନି ଚକିଆ ସାଇକେଲ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଉପଜିଲାପାଳ ନୀଲୁ ମହାପାତ୍ରଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଅପରାହ୍ନରେ ପରମିଟ୍ ପଡିଆରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଓ ଜିଲାପାଳ ଏକାଦଶ ବନାମ ନାଗରିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ସହରର ୭ଟି ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ଯୋଗଦେଇ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଦୁଇ ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ରାଇରଙ୍ଗପୁର,୧୬।୮(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥରେ ଗୁରୁବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନାରାୟଣପୁର ଗ୍ରାମର ସୁଗଦା ମାଝି। ଖବରପାଇ ପୋଲିସ ଶୁକ୍ରବାର ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏଥିନେଇ ଥାନାରେ ଏକ ମାମଲା(ନଂ.୫୬/୧୯)ରୁଜୁ ହୋଇଛି।

### ଦ୍ୱାରଶୁଣି ଘାଟିରେ ଦୁର୍ଘଟଣା ରୋକିବା ପାଇଁ ଯଜ୍ଞ

ବାଙ୍ଗିରିପୋଷି,୧୬।୮(ଡି.ଏନ.ଏ): ବାଙ୍ଗିରିପୋଷି ଥାନା ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ ୪୯ରେ ଦ୍ୱାରଶୁଣି ଘାଟିରେ ଗତ କିଛିଦିନ ହେଲା ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟିଛି। ଗତ ଜାନୁଆରୀ ମାସରୁ ଅଦ୍ୟାବଧି ୩୭ଟି ଦୁର୍ଘଟଣା ଘଟି ୬୦ରୁ ଉର୍ଦ୍ଧ୍ୱ ଆହତ ହେବା ସହ ୬ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହି ପରିପ୍ରେକ୍ଷୀରେ ଘାଟିରେ ଦୁର୍ଘଟଣା ରୋକିବା ପାଇଁ ମା' ଦ୍ୱାରଶୁଣୀ ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତାଙ୍କ ସହ ରାଜ୍ୟସଭା ସଦସ୍ୟା ସରୋଜିନି ହେମ୍ବ୍ରମ ଓ ଦଳୀୟ କର୍ମୀ ଉପସ୍ଥିତ ରହି ମା' ଦ୍ୱାରଶୁଣିଙ୍କ ନିକଟରେ ହୋମଯଜ୍ଞ କରିଥିଲେ। କିଛିଦିନ ତଳେ ସରୋଜିନି ଏହି ଘାଟି ରାସ୍ତା ସଂପ୍ରସାରଣ ଉପରେ ନେଇ ଦାବି କରିଥିଲେ। ଗତ ୨୯ ତାରିଖରେ ୪୯ ନମ୍ବର ଜାତୀୟ ରାଜପଥ ମଧ ଅବରୋଧ କରାଯାଇଥିଲ। ଫଳସ୍ୱରୂପ ଘାଟି ରାସ୍ତାର ଦୁର୍ଘଟଣା ଘଟୁଥିବା ସ୍ଥାନମାନଙ୍କରେ ବିପଦ ସୂଚକ ଚିହ୍ନ ଲଗାଯାଇଛି। ରାସ୍ତା କଡରେ ଥିବା ଖାଲୁଆ ସ୍ଥାନରେ ମାଟି ପକାଇବା ସହ ଚାଳକ ମାନଙ୍କର ଗତି କମାଇବାର ଉଦ୍ଦେଶ୍ୟରେ ବ୍ୟାରିକେଡ ମଧ ଲଗାଯାଇଛି ।

### ରାଜ୍ୟ ସଭା ସଦସ୍ୟା ରାଖୀ ବାନ୍ଧିଲେ

ବାରିପଦା ଅଫିସ,୧୬।୮
ଗୁରୁବାର ସ୍ୱାଧୀନତା ଦିବସ ସହିତ ରାଖୀ ପୂର୍ଣ୍ଣିମା ଥିଲା। ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ହାତରେ ରାଖୀ ବାନ୍ଧିଥିଲେ। ପରେ ଅନ୍ୟ ମହିଳାମାନେ ମଧ ମନ୍ତ୍ରୀଙ୍କ ହାତରେ ରାଖୀ ବାନ୍ଧିଥିଲେ।

### ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେଶନ ଅଧକ୍ଷ ଦେବାଶିଷଙ୍କୁ ଅଭିନନ୍ଦନ



ବାରିପଦା ଅଫିସ,୧୬।୮- ମୟୂରଭଞ୍ଜ ଜିଲା ବିଜେଡି ସଭାପତି ଦେବାଶିଷ ମହାନ୍ତିଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେଶନର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ପରେ ଜିଲା ବିଜେଡି କର୍ମୀ ମହଲରେ ଉତ୍ସାହ ଦେଖାଯାଇଛି। ଦଳୀୟ କର୍ମୀ ଓ ନେତାମାନେ ତାଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି। ଦେବାଶିଷ ତାଙ୍କ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ ଦେଇଥିବା ଦାୟିତ୍ୱକୁ ଠିକଭାବେ ନିର୍ବାହ କରିବେ ବୋଲି ଗଣମାଧମକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚ ଶିକ୍ଷାମନ୍ତ୍ରୀ ଡ.ଅରୁଣ କୁମାର ସାହୁ, ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ଜିଲାର ସମସ୍ତ କର୍ମୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଦେବାଶିଷଙ୍କୁ ଗୁରୁତ୍ୱ ଦେଇ ଜିଲାରେ ଭୁଶୁଡି ପଡିଥିବା ସଂଗଠନକୁ ସଜାଡିବା ପାଇଁ ଦଳ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି ବୋଲି ଜିଲା ବିଜେଡି ସମ୍ପାଦକ ସୁଜିତ କୁମାର ମହାନ୍ତି ଗଣମାଧମକୁ କହିଛନ୍ତି। ଦେବାଶିଷଙ୍କୁ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୋରଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ଜିଲା ଯୁବ ସଭାପତି ଜିତେନ୍ଦ୍ର ମହାନ୍ତି, ଉତ୍ତର ଓଡ଼ିଶା ଜୋନ ଯୁବ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଡା. ଦେବାଶିଷ ମାରାଣ୍ଡି, ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ଅବଦୁଲ ହବିବ, ଛାତ୍ର ବିଜେଡି ଜିଲା ସଭାପତି ଅଭୟ ସିଂ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ପୌର ପରିଷଦର ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ବାରିପଦା ଅଫିସ,୧୬।୮

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ସକାଶେ ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ ଦାବିପତ୍ର ପଠାଯାଇଛି। ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଭରଦ୍ୱାଜଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ସେନା ପକ୍ଷରୁ ରାଜ୍ୟ ସରକାର ବହୁ ପୂର୍ବରୁ ଘୋଷଣା କରିଥିବା ବୁଢ଼ାବଳଙ୍ଗ ନଦୀରେ ଅଡିବନ୍ଧ ନିର୍ମାଣ ଶୀଘ୍ର ଆରମ୍ଭ କରିବା, ଅର୍ବାନ ବ୍ୟାଙ୍କର ଜମାକାରୀଙ୍କ ଟଙ୍କା ଫେରସ୍ତ, ସହରର ଭୂମିହୀନମାନଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ, ସରକାରୀ ବସଷ୍ଟାଣ୍ଡ ଜାଗାକୁ ଏକ କମ୍ପାନୀକୁ ଦିଆଯାଇଥିବା ଚୁକ୍ତିକୁ ବାତିଲ କରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଓ ଏଥିରେ ସ୍ଥାନୀୟ ଯୁବତୀଯୁବକଙ୍କୁ ଥଇଥାନ, ଜମ୍ବୀରା ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବା, ହେମିଲଟନ ଜାଗାର ଜବରଦଖଲ ଉଚ୍ଛେଦ କରିବା, ସହରର ଟ୍ରାଫିକ ସମସ୍ୟା ସୁଧାରିବା, ଝିରିବନ୍ଧ, ବଡପୋଖରୀ, ହେମସାଗର ପୋଖରୀ, ଷ୍ଟେଶନ ବନ୍ଧର ପୁନରୁଦ୍ଧାର କରି ଉନ୍ନତୀକରଣ କରିବା, ଜୁବୁଲି ପାର୍କ ଓ ବିଜୁ ପଟ୍ଟନାୟକ ପାର୍କର ରକ୍ଷଣାବେକ୍ଷଣ କରିବା, ବାରୁଣୀ ସ୍ଥିତ ଶ୍ମଶାନ ଘାଟ ଭିତରେ ଥିବା ପୋଖରୀର ପୁନରୁଦ୍ଧାର ଏବଂ ଦାରୋଗାଡାହିଠାରେ ପ୍ରାୟ ୧୦ ବର୍ଷ ପୂର୍ବ ଶିଳାନ୍ୟାଶ କରାଯାଇଥିବା ଯୁକ୍ତ ୨ ଶିକ୍ଷା ପରିଷଦ କର୍ଯ୍ୟାଳୟର ଗୃହ ତୁରନ୍ତ ନିର୍ମାଣ କରିବା ଆଦି ୧୨ଟି ଦାବି ଉପସ୍ଥାପନ କରାଯାଇଛି। ଏହି ପ୍ରତିନିଧି ଦଳରେ ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ, ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ଉପସଭାପତି ସନାତନ ସାହୁ, ସାଧାରଣ ସମ୍ପାଦକ ମାନସ ବେହେରା, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସମ୍ପାଦକ ରାକେଶ ମହାନ୍ତି, ସମ୍ପାଦକ ମୀର ବାବର ଅଲି, ସହର ଉପସଭାପତି ଏସ.କେ. ରାଜା ଖାନ, ଛାତ୍ର ନେତା ଧନଞ୍ଜୟ ସାହୁ, ରବୀନ୍ଦ୍ର ସାହୁ, ସତ୍ୟନାରାୟଣ ଜୀଉ, ଦେବାଶିଷ ଦାସ, ଏମଡି ନାଜିର, ବିକାଶ ସିଂ, ଦୀପକ ସିଂ, ଆଲୋକ ବେହେରା, ହୃଷୀକେଶ ଚାନ୍ଦ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଭଞ୍ଜସେନାର କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

# ଭାଜପାର ଜିଲା କୋର୍ କମିଟି ବୈଠକ

ବାଙ୍ଗିରିପୋଷି,୧୬।୮(ଡି.ଏନ୍.ଏ.):

ବାଙ୍ଗିରିପୋଷି ସ୍ଥିତ ଖଇରୀ ରିସର୍ଟଠାରେ ମୟୂରଭଞ୍ଜ ପୂର୍ବ ସାଂଗଠନିକ ଜିଲା ସଭାପତି ଡ.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭାଜପାର ଜିଲା କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମ ଜିଲା ସଭାପତି ନବୀନ ରାମ, ଏମପି ଇଂ. ବିଶେଶ୍ୱର ଟୁଡୁ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ,ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ସାରସକଣା ଡ.ବୁଢାଣ ମୁର୍ମୁ, ଯଶୀପୁର ବିଧାୟକ ଗଣେଶ୍ୱର ସିଂ ଖୁଣ୍ଟିଆ, ବଡସାହି ବିଧାୟକ ସନାତନ ବିଜୁଳି, ଜିଲା ପରିଷଦ ଅଧ୍ୟକ୍ଷା ସୁଜତା ମୁର୍ମୁ, ଉପାଧ୍ୟକ୍ଷ ନରେନ୍ଦ୍ର ନାଥ ସାହୁ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ପଦ୍ମଚରଣ ହାଇବ୍ରୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ମହାନ୍ତ, ନିହାର ରଞ୍ଜନ ମୋଦି, ସଞ୍ଜୀବ ମହାନ୍ତିଙ୍କ ସମେତ ଦୁଇ ଜିଲାର ବରିଷ୍ଠ ପଦାଧିକାରୀ କମଳଲୋଚନ ଧଳ, ସୁନୀଲ ଦାଶ, ପରେଶ ଚନ୍ଦ୍ର ମହାନ୍ତ, ଦୁରିଲାଲା ମହାନ୍ତ, ବିପିନ ବିହାରୀ ମହାନ୍ତ, ଲକ୍ଷ୍ମୀଧର ହାବୋଡା, ପ୍ରଦୀପ କୁମାର ମହାନ୍ତି, ବିଦୁଗୋପାଳ ଗୋପ, ସୁବାଶିଷ ମହାନ୍ତ, ସୌଭାଗ୍ୟ ସାହୁ, ମନୋଜ ଦାଶ, ବାଜୁ ଚରଣ ଶିର୍କା ଓ ସୁଗଦା ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ରେଳ ଚଳାଚଳ, ଶିଳ୍ପ ପ୍ରତିଷ୍ଠା, ଗମନାଗମନ, ଦ୍ୱାରଶୁଣି ଘାଟିରେ ମାତ୍ରାଧିକ ଦୁର୍ଘଟଣା ରୋକାଯିବା, ବେରୋଜଗାରୀଙ୍କୁ ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ସମେତ ଜିଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଭାଜପାର ନୂତନ ସଦସ୍ୟତା ଅଭିଯାନରେ ସାମିଲ ହୋଇ ଲକ୍ଷ୍ୟଧାର୍ଯ୍ୟ ସଦସ୍ୟତା ପୂରଣ କରିବାକୁ ସ୍ଥିର ହୋଇଥିଲା। ଏମପିଙ୍କ ଜିଲା ପ୍ରତିନିଧି ଭାବେ ପ୍ରଦୀପ କୁମାର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା ଶେଷରେ ୩୭୦ ଧାରା ଉଚ୍ଛେଦ ନେଇ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଦଳ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

# ସବ୍‌ଇନ୍ସପେକ୍ଟରସ୍ତରରେ ଅଦଳବଦଳ

ବାରିପଦା ଅଫିସ,୧୬।୮

ମୟୂରଭଞ୍ଜ ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ସବ-ଇନ୍ସପେକ୍ଟରମାନଙ୍କ ସ୍ତରରେ ଗୁରୁବାର ଅଦଳ ବଦଳ କରାଯାଇଛି। ଜିଲା ଏଷ୍ଟାବ୍ଲିଶମେଣ୍ଟ ବୋର୍ଡର ନିଷ୍ପତ୍ତି କ୍ରମେ ଡିଓ ନଂ. ୧୬୨୭ (୧୫।୮।୨୦୧୯)ରେ ମୋଟ ୧୦ ଜଣ ସବଇନ୍ସପେକ୍ଟରଙ୍କ ଅଦଳବଦଳ ହୋଇଛି। ସୂଚନା ମୁତାବକ ଶୂଳିଆପଦା ଥାନାରେ ଓଆଇସି ଭାବେ କାର୍ଯ୍ୟରତ କେ.ସି. ଜାନିଙ୍କୁ ଚାନ୍ଦୁଆ ଥାନା ଓଆଇସି, ଚାନ୍ଦୁଆ ଥାନାରେ ଓଆଇସି ଭାବେ କାର୍ଯ୍ୟରତ ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କୁ ଶୂଳିଆପଦା ଥାନା ଓଆଇସି ଏବଂ କରଞ୍ଜିଆ ଥାନାରେ କାର୍ଯ୍ୟରତ ନିରୋଜ କୁମାର ସାମଲଙ୍କୁ ଠାକୁରମୁଣ୍ଡା ଓଆଇସି ଭାବେ ବଦଳି କରାଯାଇଛି। ସେହିପରି ଜସ୍ମିତା ମାଝିଙ୍କୁ କୁଳିଅଣା ଥାନାରୁ ବିଶୋଇ ଥାନା, ପି.କେ. ସାହୁଙ୍କୁ ବୈଶିଙ୍ଗା ଥାନାରୁ ବାରିପଦା ଟାଉନ ଥାନା, ବେଦପ୍ରକାଶ ନନ୍ଦଙ୍କୁ ବିଶୋଇ ଥାନାରୁ ବୈଶିଙ୍ଗା ଥାନା, ରଞ୍ଜନ ବେହେରାଙ୍କୁ ବାରିପଦା ଟାଉନ ଥାନାରୁ ବିଶୋଇ ଥାନା, ଶୁଭେନ୍ଦୁ ଭୂଷଣ ମହାନ୍ତିଙ୍କୁ ବିଶୋଇ ଥାନାରୁ ବାରିପଦା ସଦର ଥାନା, ସ୍ନିଗ୍ଧାରାଣୀ ସାହୁଙ୍କୁ ବାରିପଦା ସଦର ଥାନାରୁ କୁଳିଅଣା ଥାନା ଏବଂ ସୁପ୍ରଭା ବାରିକଙ୍କୁ ପୋଲିସ ମୁଖ୍ୟାଳୟରୁ ଏସଆର ସେକ୍ସନକୁ ବଦଳି କରାଯାଇଛି। ଏହି ଅଧିକାରୀମାନେ ତୁରନ୍ତ ନୂତନ ସ୍ଥାନରେ ଯୋଗଦେବା ପାଇଁ ଜିଲା ଏଷ୍ଟାବ୍ଲିଶମେଣ୍ଟ ବୋର୍ଡର ଚେୟାରମ୍ୟାନ ତଥା ଏସପି ଅବିନାଶ କୁମାର ଓ ସଭ୍ୟ ତଥା ଆଡିଶନାଲ ଏସପି ଜୟରାମ ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି।

# ସବୁଠି ଉଡ଼ିଲା ତ୍ରିରଙ୍ଗା

## ସ୍ୱାଧୀନତା ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ



ବାରିପଦାଠାରେ ଅନୁଷ୍ଠିତ ଜିଲାସ୍ତରୀୟ ସମାରୋହରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ ଜେନା, ଜିଲାପାଳ ଓ ଏସପି ।

ବାରିପଦା ଅଫିସ,୧୬।୮

ମୟୂରଭଞ୍ଜ ଜିଲା ବାରିପଦା ପୋଲିସ ରିଜର୍ଭ ପଡ଼ିଆଠାରେ ଜିଲାସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୟୂରଭଞ୍ଜ ଜିଲାକୁ ଏକ ଅଗ୍ରଣୀ ଜିଲା ଭାବେ ଗଢ଼ି ତୋଳିବାକୁ ମନ୍ତ୍ରୀ ଜେନା ମତ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି, ଛାତ୍ରୀଛାତ୍ର ଓ ସରକାରୀ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିନିତ ଭରଦ୍ୱାଜ ଓ ଏସପି ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ରିଜର୍ଭ ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ମନ୍ତ୍ରୀ ଜେନା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ମେଡିକାଲ କଲେଜ ଅବ୍ୟବସ୍ଥା ଦେଖି ମନ୍ତ୍ରୀ ଖପା

ପତାକା ଉତ୍ତୋଳନ ପରେ ମନ୍ତ୍ରୀ ଜେନା ପୂର୍ବ କାର୍ଯ୍ୟକ୍ରମ ମୁତାବକ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ସମୟରେ ମେଡିକାଲ କଲେଜର ବିଭିନ୍ନ ଅବ୍ୟବସ୍ଥା ଦେଖି ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ମେଡିକାଲ କଲେଜ ପରିସରରେ କୁଢ଼ କୁଢ଼ ଅଳିଆ ଜମାହୋଇ ରହିବା, ରୋଗୀ ବାହାରୁ ଔଷଧ କିଣୁଥିବା ଏବଂ କର୍ମଚାରୀ ଉପସ୍ଥିତ ନ ଥିବା ଆଦି ସେ ଜାଣିବାକୁ ପାଇଥିଲେ। କିଛି ରୋଗୀଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା କରି ମେଡିକାଲ କଲେଜ ଠିକ୍ ଭାବେ ପରିଚାଳିତ ହେଉ ନ ଥିବା ଜାଣି ଅସନ୍ତୋଷ ଜାହିର କରି କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ। ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ କଲେଜର ଅଧୀକ୍ଷକ ଡା ବି.ଏନ୍. ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ମହାପାତ୍ର ଓ ଜିଲାପାଳ ବିନିତ ଭରଦ୍ୱାଜ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଉଦଳା

କପ୍ତିପଦା ଉପଖଣ୍ଡସ୍ତରୀୟ ୭୩ ତମ ସ୍ୱାଧୀନତା ଦିବସ ଉଦଳା ହାଇସ୍କୁଲ ପଡ଼ିଆରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଭଗବାନ ବେହେରା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ୩୮ଟି ଟ୍ରୁପକୁ ନେଇ ଆୟୋଜିତ ପରେଡ୍‌ରେ ମୁଖ୍ୟଅତିଥି ଅଭିବାଦନ ଗ୍ରହଣ କରିଥିଲେ। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଉଦଳା ଡାକ୍ତରଖାନା ଯାଇ ରୋଗୀଙ୍କୁ ଫଳ ଏବଂ ବିସ୍କୁଟ ବଣ୍ଟନ କରିବା ସହିତ ରକ୍ତଦାନ ଶିବିର ପରିଦର୍ଶନ କରିଥିଲେ। ଏହି ରକ୍ତଦାନ ଶିବିରରେ ୨୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉଦଳା ଉପକାରାଗାର ପରିସରରେ ଚାରାରୋପଣ କରାଯିବା ସହିତ ସବ୍‌ଜେଲର ପ୍ରିୟମ୍ବଦା ପଣ୍ଡାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥିଙ୍କ ଦ୍ୱାରା ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଭାଗୀୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

### ଖୁଣ୍ଟା/କୁଆମରା

ଖୁଣ୍ଟା ମିନି ଷ୍ଟାଡିୟମରେ ଗୋପବନ୍ଧୁନଗର ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଶିକ୍ଷା ବିଭାଗ ଦ୍ୱାରା ଅୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସଭାପତି ବିଡ଼ିଓ ମନୋଜ କୁମାର ବେହେରାଙ୍କ ସମେତ ଭାରପ୍ରାପ୍ତ ଅଧ୍ୟକ୍ଷ ମାନସ ରଞ୍ଜନ ମହାରଣା, ସାନଖୁଣ୍ଟା ପଞ୍ଚାୟତର ସରପଞ୍ଚ ସୁମିତ୍ରା ନାଏକ, ତହସିଲଦାର ସ୍ୱସ୍ତିକ ସଂକଳ୍ପ ସାହୁ , ଖୁଣ୍ଟା ଥାନା ଏସଆଇ ରୋନିତା ପ୍ରଧାନ ଓ ସୌମ୍ୟ ରଞ୍ଜନ ଭୋଳ, ସିଡିପିଓ ଗୌରୀମଣି ହାଁସଦା, ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ବେହେରା, ଖୁଣ୍ଟା ସିଏଚସିର ଭାରପ୍ରାପ୍ତ ଚିକିତ୍ସାଧିକାରୀ ପରମଜିତ ମହାନ୍ତ,ଶିକ୍ଷାଧିକାରୀ ରାଜେଶ ପ୍ରଧାନ, ଅଗ୍ନିଶମ ଅଧିକାରୀ ଜୟମଙ୍ଗଳଦୀପ ସ୍ୱାଇଁ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ସତ୍ୟମ ପରିଡାଙ୍କ ନେତୃତ୍ୱରେ ସ୍ଥାନୀୟ ଭଗତ ସିଂ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ସହାୟତା ପ୍ରଦାନ କରିଥିଲେ।

### ଠାକୁରମୁଣ୍ଡା

ଠାକୁରମୁଣ୍ଡା ବ୍ଲକସ୍ତରୀୟ ସାଧୀନତା ଦିବସ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଠାକୁରମୁଣ୍ଡା ବିଡିଓ ବିଜୟ କୁମାର ନାୟକ, ତହସିଲଦାର ପ୍ରଦ୍ୟୁମ୍ନ ନାୟକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପରେଡ ଓ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ବ୍ଲକ ଅଧୀନ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

### ବିଶୋଇ

ବିଶୋଇ ହାଇସ୍କୁଲ ପଡିଆଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ତୁଳସୀ ଶିକ୍ରି ହାଁସଦା,ବିଡ଼ିଓ ବିବୁଧ ଗଡ଼ନାୟକ,ବିଶୋଇ ପଞ୍ଚାୟତ ସମିତି ସଦସ୍ୟା ବିନ୍ଦୁସ୍ମିତା ଦେଓ, ଲୁହାକାନି ସମିତି ସଦସ୍ୟା ସୁନିତା ଲତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ଏନସିସି ଶିକ୍ଷକ ପରେଡ଼ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସେହିପରି ମଣଦା ଆଇଟିଆଇ ଓ ମାଦାଳି ସାହୁ ଧନ୍ଦାମୂଳକ କଲେଜରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କଲେଜ ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ।

### କପ୍ତିପଦା

କପ୍ତିପଦାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ସୁଶିଳା ବାନରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ତହସିଲଦାର ପ୍ରଦୀପ କୁମାର ବେହେରା, କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଶଶଧର ସିଂ, ଡେପୁଟୀ ରେଞ୍ଜର ଜ୍ୟୋତିରଞ୍ଜନ ସେନାପତି ପ୍ରମୁଖ ନିଜ ନିଜ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ଡାକ୍ତରଖାନାରେ ଡା. ଦିପ୍ତକାନ୍ତ ଘଡା, କୃଷି କାର୍ଯ୍ୟାଳୟରେ ଆତ୍ମାର ଅଧ୍ୟକ୍ଷ ନବ କିଶୋର ଗିରି, ଥାନାରେ ଥାନାଧିକାରିଣୀ ରୀନା ବେହେରା, ବିଜେଡି କାର୍ଯ୍ୟାଳୟରେ ହରିଶ୍ଚନ୍ଦ୍ର ସାଏ, କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ୍ ୪ନଂ ଜୋନ ସଭାପତି ଅମରେନ୍ଦ୍ର ପାଢୀ, ବିଜେପି କାର୍ଯ୍ୟାଳୟରେ କପ୍ତିପଦା ମଣ୍ଡଳ ସଭାପତି ସଞ୍ଜୟ ବେହେରା, କପ୍ତିପଦା ମହାବିଦ୍ୟାଳୟରେ ପରିଚାଳନା କମିଟିର ସଭାପତି ଗିରିଶ ଚନ୍ଦ୍ର ସାଏ, କପ୍ତିପଦା ମହାବିଦ୍ୟାଳୟ, ନୂଆସାହିରେ ଅଧ୍ୟକ୍ଷ ଡ. ଚନ୍ଦ୍ର କୁମାର ପଟ୍ଟନାୟକ, ରଘୁନାଥ ମୁର୍ମୁ ମହାବିଦ୍ୟାଳୟ,ଶରତରେ ଅଧ୍ୟକ୍ଷ ଭଗବାନ ପଣ୍ଡା, ମେଘାସନ ମହାବିଦ୍ୟାଳୟ, ନୁଦୁଡିହାରେ ଅଧ୍ୟକ୍ଷ ଡ. ଫକୀର ଚରଣ ବେହେରା, ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ମାତୃବିହାରର ବରିଷ୍ଠ ସଦସ୍ୟ କରୁଣାକର ବିଶ୍ୱାଳ, ସରସ୍ୱତୀ ଶିଶୁ ମନ୍ଦିର, କପ୍ତିପଦାରେ ସଭାପତି ଜୟଚନ୍ଦ୍ର ବେହେରା, ଅଗ୍ନିଶମ କେନ୍ଦ୍ରରେ ଅଧିକାରୀ ଭଗବାନ ରାଉତ, ମାଟିଆଳିସାହି ଛକରେ ସାମ୍ବାଦିକ ସୁଶାନ୍ତ ମହାନ୍ତି ପ୍ରମୁଖ ପତାକା ଉତୋଳନ କରିଥିଲେ। । ସେହିପରି ନୁଦୁଡିହା ସରସ୍ୱତୀ ଶିଶୁ ମନ୍ଦିରରେ ପରିଚାଳନା କମିଟିର ସଂପାଦକ ଗୌରଚନ୍ଦ୍ର ସାହୁ ପତାକା ଉତ୍ତୋଳନ କରିବା ପରେ ସେଠାରେ ରକ୍ଷାବନ୍ଧନ ଓ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନୁଦୁଡିହା ପଞ୍ଚାୟତସ୍ତରୀୟ ସ୍ୱାଧୀନତା ଦିବସରେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଓ ପେଡାଗଡି ପଞ୍ଚାୟତସ୍ତରୀୟ ସ୍ୱାଧୀନତା ଦିବସରେ କପ୍ତିପଦା ଥାନାଧିକାରିଣୀ ରୀନା ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

### ବଡ଼ସାହି

ବଡ଼ସାହି ବ୍ଲକସ୍ତରୀୟ ସ୍ୱାଧିନତା ଦିବସ ସ୍ଥାନୀୟ ମ.ଇ ବିଦ୍ୟାଳୟ ଖେଳପଡିଆରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଅମୀୟ କୁମାର ରାଉତ, ବିଇଓ ଦେବବ୍ରତ ବାରିକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସତ୍ୟବାଦୀ ପଲେଇ, ରଣଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଚ୍ଚିନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ଆଖପାଖ ସ୍କୁଲର ୨ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରେଡରେ ଅଂଶ ଗ୍ରହଣ କରିଥିଲେ। ପରେଡ ଓ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମକବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ପତାକା ଉତ୍ତୋଳନ କରାଯାଇଥିଲା। ବଜାର ମଧ୍ୟରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବଡସାହି ତହସିଲଦାର ଅମୀୟ କୁମାର ରାଉତ, ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିଚାଳନା କମିଟିର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ପାତ୍ର , ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କର ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ବିଜୁ ଜନତା ଦଳ ପକ୍ଷରୁ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ବଡ଼ସାହି ବ୍ଲକ ସଭାପତି ପ୍ରକାଶ ଚନ୍ଦ୍ର ଦଳେଇ, ଯୁବ ସଭାପତି ନୀହାର ରଞ୍ଜନ ମହାପାତ୍ର, ତପନ କୁମାର ପତି, ପ୍ରଫୁଲ୍ଲ ମହାଳିକ, ଦୀପକ ସାହୁ ପ୍ରମୁଖ ପତାକା ଉତୋଳନ କରିଛନ୍ତି । ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶିକ୍ଷକ ସନ୍ତୋଷ କୁମାର ବେହେରା, ବସନ୍ତ କୁମାର ମହାପାତ୍ର, ଯୋଗେଶ୍ୱର ମିଶ୍ର, ଡକ୍ଟର ତାପସ ପଣ୍ଡାଙ୍କ ଉପସ୍ଥିତିରେ ବଡ଼ସାହି ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ପ୍ରଦାନ କରଛନ୍ତି ।

### କୋଷ୍ଟା

କୋଷ୍ଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱାଧୀନତା ଦିବସ ସହିତ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଧ୍ୟାନେନ୍ଦ୍ର ନାଥ ପାଣି ଜାତୀୟ ପତାକା ଉତ୍ତୋଳନ କରଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ କୁମାର ଦତ୍ତ, ହରିହର ଦାଁ, ଦେବେନ୍ଦ୍ର କୁମାର ସାଉଁଆ, ଶଶିଧର ସାହୁ, ପୂର୍ବତନ ସଭାପତି ସତୀଶ ଚନ୍ଦ୍ର ଦତ୍ତ, ପରିଚାଳନା ପରିଷଦ ସମ୍ପାଦକ ଅରୁଣ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ । ସେନା ବାହିନୀର ଅବସର ପ୍ରାପ୍ତ ମେଜର ସୁଧାଂଶୁ ଶେଖର ସି ଓ ହାବିଲଦାର ରାଜକିଶୋର ସିଙ୍କୁ ଶିଶୁ ମନ୍ଦିର ତରଫରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ସମସ୍ତ ଗୁରୁଜୀ, ଗୁରୁମା ପରିଚାଳନାରେ ସହାୟତା କରିଥିଲେ । କୋଷ୍ଟା ଗ୍ରାମରେ ଅବସ୍ଥିତ ସମସ୍ତ ସ୍କୁଲ, କଲେଜ, ସରକାରୀ ଅଫିସ, ଗ୍ରାମ ପଞ୍ଚାୟତ ଆଦିରେ ସ୍ୱାଧୀନତା ଦିବସ ଯଥାରିତି ପାଳନ କରାଯାଇଥିଲା। ସେହିପରି ଶୂଳିଆପଦା ବ୍ଲକ ପରିସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗହଣରେ ବ୍ଲକ ଅଧ୍ୟକ୍ଷ ଠୁମ୍ପୁ ହେମ୍ବ୍ରମ୍ ବି.ଡି.ଓ. ପରୀକ୍ଷୀତ ଜେନାଙ୍କ ଉପସ୍ଥିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା।

## ଆଜି କ'ଣ କେଉଁଠି

**ବନ୍ତ**

- ଆଗରପଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ଆଗରପଡ଼ା ମହାବିଦ୍ୟାଳୟ, ଅପରାହ୍ନ ୧୨ଟା ୩୦।

## ଦକ୍ଷତା ବିକାଶରେ ୧୭୫ ଜଣଙ୍କୁ ନିଯୁକ୍ତି ଲକ୍ଷ୍ୟ

**ବନ୍ତ, ୧୬।୮ (ଡି.ଏନ.ଏ.):** ଗ୍ରାମାଞ୍ଚଳର ବେକାର ଯୁବତୀ ଯୁବକଙ୍କୁ ଉପଯୁକ୍ତ ଓ ଉନ୍ନତମାନର ତାଲିମ ଜରିଆରେ ବିଭିନ୍ନ କର୍ମନିଯୁକ୍ତି ଯୋଗାଇଦେବା ଲକ୍ଷ୍ୟରେ ସରକାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା କରିଛନ୍ତି। ଏହି ଯୋଜନାରେ ଭଦ୍ରକ ଜିଲା ବନ୍ତ ବ୍ଲକର ଦକ୍ଷତା ବିକାଶ ତଥ୍ୟ ଅନୁଯାୟୀ ଚଳିତବର୍ଷ ୨୪୦ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇ ୧୭୫ ଜଣଙ୍କୁ ନିଯୁକ୍ତି ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ମାସ ଅନୁଷ୍ଠିତ ପରାମର୍ଶ ଶିବିରରେ ୨୭୭ ଜଣଙ୍କୁ ତାଲିମ ପାଇଁ ମନୋନୀତ କରାଯାଇଥିଲା। ୨୦୧୭ ଆର୍ଥିକ ବର୍ଷରେ ୮୦ ଜଣଙ୍କୁ ତାଲିମ ଦିଆଯାଇ ସେମାନଙ୍କ ମଧ୍ୟରୁ ୫୨, ୨୦୧୮ ଆର୍ଥିକ ବର୍ଷରେ ୨୫୫ ଜଣଙ୍କୁ ତାଲିମ ଦିଆଯାଇ ୧୮୦ ଏବଂ ଚଳିତବର୍ଷ ଅଗଷ୍ଟ ସୁଦ୍ଧା ୫୪ ଯୁବତୀ ଯୁବକଙ୍କୁ ତାଲିମ ଦିଆଯାଇ ୪୦ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି।

## ଭଡ଼ାଘରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

**ବନ୍ତ, ୧୬।୮ (ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ କାଣ୍ଡବା ଗ୍ରାମରେ ଏକ ଭଡ଼ାଘରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଧୀନ ସୁନାମୁହିଁ ଗ୍ରାମର ଦୀପକ ସାହୁ(୨୬) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଦୀପକ ଆଗରପଡ଼ା ଅଞ୍ଚଳରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ଏହି ଗ୍ରାମରେ ଭଡ଼ାରେ ରହୁଥିଲେ। ଶୁକ୍ରବାର ସେ କବାଟ ନ ଖୋଲିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଆଗରପଡ଼ା ଥାନା ପୋଲିସ ପହଞ୍ଚି ଉକ୍ତ ଘର କବାଟ ଭାଙ୍ଗିବାରୁ ଫ୍ୟାନ୍‌ରେ ଦୀପକଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଆଗରପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୧୯) ରୁଜୁ ହୋଇଛି।

## ଷଣ୍ଢକୁ ଧକ୍କାଦେଇ ବାଇକ୍ ଆରୋହୀ ମୃତ

**ତିହିଡ଼ି,୧୬।୮(ଡି.ଏନ.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର ନନ୍ଦପୁର ବଜାରରେ ଗୁରୁବାର ରାତିରେ ଏକ ଷଣ୍ଢକୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଅଚକ ପଞ୍ଚାୟତ ଅଧୀନ ନନ୍ଦପୁର ଗ୍ରାମର ଗେଣ୍ଟୁ ନାୟକ(୩୨)। ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ରାସ୍ତାରେ ଶୋଇଥିବା ଏକ ଷଣ୍ଢକୁ ଧକ୍କା ଦେବାରୁ ତଳେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୫୦୪ ଗ୍ରାମକୁ ପାଇପ୍ ପାଣି

**ଭଦ୍ରକ ଅଫିସ, ୧୬।୮**

### କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲା ପରିଷଦ ବୈଠକରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ପ୍ରଶାସନିକ ଅଧିକାରୀ।

ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ୮ମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଜିଲା ପରିଷଦର ସମସ୍ତ ସଭ୍ୟ ଏବଂ ସମସ୍ତ ବ୍ଲକ ଅଧ୍ୟକ୍ଷ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ପୂର୍ବବୈଠକର ବିବରଣୀକୁ ଅନୁମୋଦନ କରାଯାଇଥିଲା। ବୈଠକରେ ମୁଖ୍ୟତଃ ପାନୀୟ ଜଳ ପ୍ରକଳ୍ପ ଓ ପରିମଳ ବ୍ୟବସ୍ଥା, କୃଷି, ଶିକ୍ଷା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା।

ଜଳ ପରିମଳ ଯୋଜନାରେ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ବାସୁଦେବପୁର, ଚାନ୍ଦବାଲି, ତିହିଡ଼ି ଓ ଧାମନଗରର ୯୧ଟି ପଞ୍ଚାୟତର ୫୦୪ ଗ୍ରାମର ୫ ଲକ୍ଷ ୭୦ ହଜାର ଲୋକ ଉପକୃତ ହେବେ। ଏହି ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ୮୯୨କୋଟି ୧୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ସୂଚନା ମିଳିଛି। ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ନିକଟରେ ଥିବା ଅଚଳ ନଳକୂପକୁ ତୁରନ୍ତ ମରାମତି, କୃଷି କ୍ଷେତ୍ରରେ କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଯାଞ୍ଚ କମିଟି ମାଧ୍ୟମରେ ଚିହ୍ନଟ କରିବା ପାଇଁ ସ୍ଥିର କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ୧୪୬ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇ ଖାଲି ସ୍ଥାନ ପୂରଣ କରାଯିବା, ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମାଞ୍ଚଳସ୍ତରୀୟ ପାର୍କ ଓ ଆଗରୁ ଥିବା ପୋଖରୀକୁ ସୌନ୍ଦର୍ଯ୍ୟକରଣ କରାଯିବା ଲାଗି ବୈଠକରେ ସ୍ଥିର ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲାରେ ମୋଟ ୩୦ ହଜାର ଗୃହ ବଣ୍ଟନ କରାଯିବା ପାଇଁ ସ୍ଥିର ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୮ ହଜାର ହିତାଧିକାରୀଙ୍କୁ ବଣ୍ଟା ସରିଥିବା ଓ ଚଳିତ ମାସ ଶେଷ ସୁଦ୍ଧା ଅବଶିଷ୍ଟ ୧୨ ହଜାର ହିତାଧିକାରୀଙ୍କୁ ବଣ୍ଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି। ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ଦିବସ, ସମ୍ବର୍ଦ୍ଧନା ଉତ୍ସବ

**ଧାମନଗର, ୧୬।୮ (ଡି.ଏନ.ଏ.)**



ଖବରକାଗଜ ବିତରକ ହୃଦାନନ୍ଦ ସାଏନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧାମନଗର ବ୍ଲକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ତହସିଲ ଅଫିସ୍‌ରେ ତହସିଲଦାର ଦୁର୍ଗାଚରଣ ମୁର୍ମୁ, ଧାମନଗର କୋର୍ଟରେ ବିଚାରପତି ବିଷ୍ଣୁପ୍ରିୟା ସାମନ୍ତରାୟ, ଥାନାରେ ଏସ୍‌ଡିପିଓ ମନୋରଞ୍ଜନ ସାମଲ, ପ୍ରେସକ୍ଲବରେ ବାସୁଦେବ ତ୍ରିପାଠୀ, ବରିଷ୍ଠ ନାଗରିକ ପରିଷଦରେ ସଭାପତି ଘଣ୍ଟେଶ୍ୱର ସାହୁ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଧୂଷୁରୀ ଥାନାରେ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଧୂଷୁରୀ ବଜାରରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତ, ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଧୂଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ଚନ୍ଦ୍ରଶେଖର ନାୟକ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

ଧୂଷୁରୀ ପୂଜ୍ୟପୂଜା ସଂସଦ ପରିସରରେ ସାହସପୁର ପଞ୍ଚାୟତ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସରପଞ୍ଚ ଅନିରୁଦ୍ଧ ସାହୁ ପରିଚାଳନା ଓ ଭାଜପା ଜିଲା ସମ୍ପାଦକ ଚତୁର୍ଭୁଜ ନାୟକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ମଣ୍ଡଳ ସଭାପତି ଭାବେ ଅଜୟ କୁମାର ବଳ, ସଦାଶିବ ପୋଥାଳ ଓ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଗ୍ରାମୀ ରାଉତ, ଦିବ୍ୟାଙ୍ଗ ସନ୍ନ୍ୟାସୀ ମଳିକ, ଖବରକାଗଜ ବିତରକ ହୃଦାନନ୍ଦ ସାଏନ୍ତ, ୨ଶହ ଛେଳି ପାଳନ କରି ଜୀବିକା ନିର୍ବାହ କରୁଥିବା ସଂଖ୍ୟାଲଘୁ ମହିଳା ସୁଫି ବିବି, ଶିକ୍ଷାବିତ୍ ଉପେନ୍ଦ୍ର ମହାପାତ୍ର, ପୀତାମ୍ବର ଦାସ, ମାଟ୍ରିକରେ ସର୍ବାଧିକ ନମ୍ବର ରଖିଥିବା ଦୀପ୍ତିମୟୀ ବେହେରା ଏବଂ ଅରିଜିତ ସାଏନ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସଭା

**ଚାନ୍ଦବାଲି, ୧୬।୮ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ଭାଟପଡ଼ା ପଞ୍ଚାୟତର ଗୋବିନ୍ଦ ନାୟକ ଚାରିଟେବୁଲ ଫାଉଣ୍ଡେଶନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ଆଲୋଚନଚକ୍ର ଓ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକନେତା ବଳରାମ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଚାନ୍ଦବାଲି କଲେଜ ଅଧ୍ୟକ୍ଷ ନିମାଇଁ ପଟ୍ଟନାୟକ ମୁଖ୍ୟଅତିଥି ଓ ମତୋ ଡିଗ୍ରୀ କଲେଜ ଅଧ୍ୟକ୍ଷ ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ଦିଗରେ ଟ୍ରଷ୍ଟର ଭୂମିକାକୁ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମହାଳିକ, ବିଷ୍ଣୁମୋହନ ନାୟକ, ଅଶୋକ ବାରିକ, ପ୍ରଫୁଲ୍ଲ ବାରିକ, ସୁବାସ ଦାସ, କରୁଣାକର ସାହୁ, ଦେବବ୍ରତ ଦାସ, ପ୍ରୟାଗ ରଞ୍ଜନ ସାହୁ ଓ ଉମେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୪ ସ୍ୱୟଂସହାୟକ ଗୋଷ୍ଠୀ, ମାଟ୍ରିକ ପରୀକ୍ଷାରେ ଭାଟପଡ଼ା ସ୍କୁଲରେ ଅଧିକ ନମ୍ବର ରଖିଥିବା ୩ ଜଣଙ୍କ ସମେତ ୧୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ଦେଇ ସମ୍ମାନିତ କରାଯାଇଥିଲା। ଭାଟପଡ଼ା ସରପଞ୍ଚ ପ୍ରଭାସ ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## 'ଅସ୍ତମିତ ଆଶାଲତା' ଉନ୍ମୋଚିତ

**ବାସୁଦେବପୁର, ୧୬।୮(ଡି.ଏନ.ଏ.)**

ବାସୁଦେବପୁରସ୍ଥିତ ମିରାକିଲ୍ ପବ୍ଲିକ ସ୍କୁଲ ପରିସରରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଗତ ଆଶାଲତା ମହାପାତ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ 'ଅସ୍ତମିତ ଆଶାଲତା' ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ସ୍ୱର୍ଗତ ମହାପାତ୍ର ଜଣେ ଆଦର୍ଶ ମହିଳା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସିଆଇ ବାଞ୍ଛାନିଧି ବେହେରା, ଅଧ୍ୟାପକ ନୀହାର ରଞ୍ଜନ କର, ସାହିତ୍ୟ ଏକାଡେମୀ ସଦସ୍ୟ ଅଭୟ ସୂତାର, ପୂର୍ବତନ ପ୍ରଧାନଶିକ୍ଷକ ଗଗନ ବିହାରୀ ରାଉତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ ପ୍ରଫେସର ମୁରଲୀଧର ସାହୁ ସଭାପତିତ୍ୱ ଓ ଅଜୟ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଚଳିତବର୍ଷ ପାଇଁ ଭଦ୍ରକ ଜିଲା ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ରଥଙ୍କୁ ସ୍ମୃତି ସଂସଦ ପକ୍ଷରୁ ଆଶାଲତା ଆଦର୍ଶ ଶିକ୍ଷୟିତ୍ରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମିରାକିଲ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଦୁଃଶାସନ ରାଉତ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ବ୍ରଜମୋହନ ମିଶ୍ର, ଶିଳ୍ପୀ ଅଶୋକ ମହାନ୍ତି, ଇଂ. ମାଧବଚନ୍ଦ୍ର ମହାନ୍ତି, ମନ୍ଦରଧର ମହାପାତ୍ର, ମହେଶ ଦାସ, ଶିକ୍ଷୟିତ୍ରୀ ତପସ୍ୱିନୀ ଦାସ, କିଶୋର କୁମାର ମହାପାତ୍ର, କବି ପ୍ରହ୍ଲାଦ ବାରିକଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅଟଳ ଥିଲେ ମୁକୁଟ ବିହୀନ ସମ୍ରାଟ

**ଆରଡ଼ି, ୧୬।୮ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ଓଳଗ ଛକରେ ଅଟଳ ସ୍ମୃତି କମିଟି ଆନୁକୂଲ୍ୟରେ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କହ୍ନେଇ ଚରଣ ବିଳାସ ସଂଯୋଜକ ଭାବେ ପରିଚାଳନା କରିଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭାଜପା ନେତା କିଶୋର ନାୟକ, ସୁରେଶ ସାହୁ, ମିହିର ନାୟକ, ଶଶାଙ୍କ ଶେଖର ବେହୁରିଆ, ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ବିଶ୍ୱାଳ, ସ୍ମୃତି କମିଟି ସଦସ୍ୟ ସନ୍ଦୀପ ନାୟକ, ସୁବ୍ରତ ବିଳାସ, ଦୁଷ୍ମନ୍ତ ବାରିକ, ସତ୍ୟପ୍ରକାଶ ନାୟକ ଓ ସାମାଜିକ କର୍ମୀ ସ୍ୱାଧୀନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅଟଳ ଜଣେ ମୁକୁଟ ବିହୀନ ସମ୍ରାଟ ଥିଲେ। ତାଙ୍କର ବଳିଷ୍ଠ ପ୍ରତିଭା ଆଗରେ ବିଶ୍ୱର ଅନ୍ୟ ଦେଶ ମଳିନ ପଡ଼ିଯାଇଥିଲା ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ୍ ଶ୍ରୀନାଥ ନାୟକ ଗୀତାପାଠ କରିଥିଲେ। ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ଭଲପାଉଥିବା ଯୁବକମାନେ ମସ୍ତକ ମୁଣ୍ଡନ କରିଥିଲେ। ଶେଷରେ ପ୍ରାୟ ୫୦୦ ଲୋକ ତାଙ୍କ ଫଟୋରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ବାଜପେୟୀଙ୍କ ସ୍ମୃତିଚାରଣ କରାଯାଉଛି।

## ସବୁଠି ଉଡ଼ିଲା ତ୍ରିରଙ୍ଗା

**ବନ୍ତ/ଭଣ୍ଡାରିପୋଖରୀ/ବାସୁଦେବପୁର/ଚାନ୍ଦବାଲି, ୧୬।୮(ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲାର ବିଭିନ୍ନ ବ୍ଲକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବନ୍ତ ପଞ୍ଚାୟତ ସମିତି ଅଫିସ୍‌ରେ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା, ତହସିଲ ଓ ସବ୍-ରେଜେଷ୍ଟ୍ରି କାର୍ଯ୍ୟାଳୟରେ ତହସିଲଦାର ମନୋରମା ଜାଲି, ବିଇଓଙ୍କ ଅଫିସରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ବନ୍ତ ଥାନାରେ ଆଇଆଇସି ଗଣେଶ୍ୱର ପ୍ରଧାନ, ବିଜେଡି କାର୍ଯ୍ୟାଳୟରେ ବ୍ଲକ ସଭାପତି କମଳାକାନ୍ତ ସାହୁ, ସିପିଆଇ କାର୍ଯ୍ୟାଳୟରେ ବରିଷ୍ଠ ନେତା ଗୋପବନ୍ଧୁ ସେଠୀ, ଟିଲୋ ପଞ୍ଚାୟତରେ ସରପଞ୍ଚ ନିହାରିକା ରାଉତ ପତାକା ଉତ୍ତୋଳନ କରିଥିଲେ। ବ୍ଲକ



ବନ୍ତ ବ୍ଲକ କାର୍ଯ୍ୟାଳୟଠାରେ ସ୍ୱାଧୀନତା ଦିବସ ପାଳନ କରାଯାଉଛି।

କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଆଗରପଡା ଥାନାରେ ଥାନାଧିକାରୀ ରମେଶ ସିଂ, ମହାବିଦ୍ୟାଳୟରେ ଅଧ୍ୟକ୍ଷ ଜନାର୍ଦ୍ଦନ ଓଝା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଦୀପକ କୁମାର ଜେନା, ଓଡ଼ିଶା ବ୍ରିଗେଡ ସ୍କୁଲରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଜେନା, କଳାପାହାଡ ଯୁବକ ସଂଘରେ ଶିକ୍ଷକ ରବୀନ୍ଦ୍ର ପ୍ରସାଦ ନନ୍ଦ, ଭାଜପା ପକ୍ଷରୁ ମେଡିକାଲ ଛକରେ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ଚିନ୍ତା ଚେତନା ସାହିତ୍ୟ ସଂସଦ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ପରେ ସ୍ଥାନୀୟ ଇଲେଭେନ ଷ୍ଟାର କ୍ଲବ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

### ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀ ବ୍ଲକର ବିଜେଡି କାର୍ଯ୍ୟାଳୟ, ବ୍ଲକ ଛକ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି, ଭାଜପା ଓ କଂଗ୍ରେସ କାର୍ଯ୍ୟାଳୟ, ଥାନା, ତହସିଲ, ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ, ଇଲେକ୍ଟ୍ରି ଅଫିସ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଠାରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ବିଡିଓ ବନମାଳି ତରାଇ ଓ ଜିପିଓ ଶର୍ମିଷ୍ଠା ମଲ୍ଲିକ ଉପସ୍ଥିତ ଥିଲେ। ବଳଦେବଜୀଉ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ଭଣ୍ଡାରିପୋଖରୀ କଲେଜଠାରେ ମୁଖ୍ୟଅତିଥି ଭାବେ ଡା. ଉପେନ୍ଦ୍ର ପ୍ରସାଦ ମହାପାତ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ।

### ବାସୁଦେବପୁର

ବାସୁଦେବପୁର ପୌରପାଳିକା ପକ୍ଷରୁ ଏବି ହାଇସ୍କୁଲରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନା, ପ୍ରଧାନଶିକ୍ଷକ ଯାମିନୀକାନ୍ତ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ବିଡିଓ ବୀରକିଶୋର ପାଣିଗ୍ରାହୀ, ପୌରପାଳିକା କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଜେନା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଅଟଳ ବିହାରୀ ହାଇସ୍କୁଲ ପରିସରରେ ସାହିତ୍ୟ ଅନୁଷ୍ଠାନ ଅବସର ପକ୍ଷରୁ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁସାହିତ୍ୟିକ ତଥା ଅନୁବାଦକ ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ। ଗୀତିକାର ପୀତାମ୍ବର ମିଶ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ଡିଆଇ ରତ୍ନାକର ମଲ୍ଲିକ ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ବ୍ଲକ କଳାକାର ସଂସ୍କୃତି ସଂଘ ଉପସଭାପତି ସନାତନ ପୁରୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ରତ୍ନାକର ବାରିକ ମଞ୍ଚ ପରିଚାଳନା କରିଥିଲେ।

### ଚାନ୍ଦବାଲି

ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ମାନସୀ ସାହୁ, ତହସିଲ ଅଫିସ୍‌ରେ ତହସିଲଦାର ସତ୍ୟଜିତ ରାଉତ, ଚାନ୍ଦବାଲି ଥାନାରେ ଏସ୍‌ଡିପିଓ ଉମାଶଙ୍କର ମହାରଣା, ଜଳସମ୍ପଦ ବିଭାଗରେ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ପ୍ରଦ୍ୟୁମ୍ନ ସାହୁ, ଚାନ୍ଦବାଲି କଲେଜରେ ଅଧ୍ୟକ୍ଷ ନିମାଇଁ ପଟ୍ଟନାୟକ, ବିଜେଡି କାର୍ଯ୍ୟାଳୟରେ ବିଧାୟକ ବ୍ୟୋମକେଶ ରାୟ, କଂଗ୍ରେସ କାର୍ଯ୍ୟାଳୟରେ ଦିଗମ୍ବର ଦାସ, ଭାଜପା କାର୍ଯ୍ୟାଳୟରେ କମଳାକାନ୍ତ ସୂତାର ଓ ଏଲ୍‌ଆଇସି ଅଫିସରେ ଶାଖା ପରିଚାଳକ ଉତ୍ତମ ଦାଶ ପତାକା ଉତ୍ତୋଳନ କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କାଳୀପଡ଼ିଆରେ ପତାକା ଉତ୍ତୋଳନ କରାଯାଇଥିଲା।

## ସଂଗ୍ରାମୀଙ୍କ ବଳିଦାନର ଗାଥା ମନେ ପକାଇଲେ

**ଭଦ୍ରକ ଅଫିସ, ୧୬।୮**



ଜିଲାପାଳ ଜ୍ଞାନରଞ୍ଜନ ଦାସ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଜିଲାପାଳ ଭଦ୍ରକ ଜିଲାର ପୁଣ୍ୟମାଟିକୁ ପ୍ରଣାମ କରିବା ସହିତ ତାଙ୍କ ବକ୍ତବ୍ୟରେ ଜିଲାର ସଂଗ୍ରାମୀମାନଙ୍କ ବଳିଦାନର ଗାଥାକୁ ମନେ ପକାଇଥିଲେ। ଅଗଷ୍ଟ କ୍ରାନ୍ତିଠାରୁ ଆରମ୍ଭ କରି ଭାରତଛାଡ଼ ଆନ୍ଦୋଳନ, କନିକାପ୍ରଜା ଆନ୍ଦୋଳନ ସଂଗ୍ରାମରେ ଏ ମାଟିର ସଂଗ୍ରାମୀ ମହାପୁରୁଷଙ୍କ ଅତୁଳନୀୟ ତ୍ୟାଗ, ବଳିଦାନ ଆଜି ବି ଜନମାନସକୁ ଆନ୍ଦୋଳିତ କରି ରଖିଛି ବୋଲି ସେ କହିଥିଲେ। ରିଜର୍ଭ ଇନ୍ସପେକ୍ଟର ମନୋରଞ୍ଜନ ତରାଇ ପରେଡ୍‌ରେ ଭାଗ ନେଇଥିବା ୪୫ଟି ଟ୍ରୁପ ପରେଡ୍ ପରିଚାଳନା କରିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ସର୍ଜେଣ୍ଟ ଚିତ୍ତରଞ୍ଜନ ମହାନ୍ତି।

ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଓ କ୍ରୀଡ଼ା କୌତୁକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେଡ୍‌ରେ ସିନିୟର ଡିଭିଜନ ଭଦ୍ରକ କଲେଜ ଏନ୍‌ସିସି(ଆର୍ମି)ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ସିଲ୍ଡ ପ୍ରଦାନ କରାଯାଇଥିଲା। ସିଆର୍‌ଏସ୍‌ଆର୍ ସଙ୍ଗଠନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ଓ ଶ୍ରବଣଯନ୍ତ୍ର ମୁଖ୍ୟଅତିଥି ପ୍ରଦାନ କରିଥିଲେ। ସେହିପରି ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଯାତ୍ରା କଳାକାର କରୁଣାକର ମଲ୍ଲିକଙ୍କୁ ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ୨ ଆଶାକର୍ମୀ, ୮ ଅଙ୍ଗନୱାଡି କର୍ମୀ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପୁରସ୍କୃତ ହୋଇଥିଲେ। ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ୨ କର୍ମଚାରୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଦିଆଯାଇଥିଲା। ଜିଲା ଚିକିତ୍ସାଳୟରେ ରକ୍ତଦାନ ଶିବିର ଓ ସଂସ୍କୃତି ଭବନ ପରିସରରେ ଭଦ୍ରକ ଚାରୁକାରୁକଳା କଲେଜ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନ ହୋଇଥିଲା। ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ସହରର ବୁଦ୍ଧିଜୀବୀ, ବିଭିନ୍ନ ପଦାଧିକାରୀ, ସ୍ୱାଧୀନତା ସଂଗ୍ରାମୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ସମସ୍ତ କାର୍ଯ୍ୟ ସଂଯୋଜନା କରିଥିଲେ।

## ବ୍ରିଜ୍ ଅଛି, ଆପ୍ରୋଚ ରୋଡ୍ ନାହିଁ

**ଭଣ୍ଡାରିପୋଖରୀ, ୧୬।୮ (ଡି.ଏନ୍.ଏ.)**



ଜଅ ନାଳ ବ୍ରିଜ।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ବଜାରରେ ଟ୍ରାଫିକ ଜାମ୍ ସମସ୍ୟା ଯୋଗୁ ସ୍ଥାନୀୟ ଜନସାଧାରଣ, ସ୍କୁଲ, କଲେଜ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରିକପୁର ଠାରୁ କେନ୍ଦୁଝର ଜିଲାକୁ ଯିବା ପାଇଁ ଦୂରତା କମ୍ ପଡୁଥିବାରୁ ଦୁଇଚକିଆ ଠାରୁ ଚାରିଚକିଆ ଯାନ ପର୍ଯ୍ୟନ୍ତ ସମସ୍ତେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏଣୁ ଟ୍ରାଫିକ ଜାମ୍ ସମସ୍ୟାକୁ ଦୃଷ୍ଟିରେ ରଖି ବାରିକପୁର କଲେଜର ଛାତ୍ରୀଛାତ୍ର ବାରିକପୁର ବଜାର ମଧ୍ୟରେ ନ ପଶି ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ କଲେଜକୁ ଯିବା ଲାଗି ଜଅ ନାଳ ଉପରେ ଏକ ବ୍ରିଜ ନିର୍ମାଣ ହୋଇଛି। ନିର୍ମାଣ କାମ ସରିଥିଲେ ବି ବ୍ରିଜର ଉଭୟ ମୁଣ୍ଡରେ ଆପ୍ରୋଚ ରୋଡ କରାଯାଇ ନ ଥିବାରୁ ଏହା କାମରେ ଲାଗିପାରୁ ନାହିଁ। ଆଖୁଆପଦା ଡ୍ରେନେଜ ବିଭାଗ ଦ୍ୱାରା ଟେଣ୍ଡର ଡକାଯାଇ ଏହି ବ୍ରିଜ ପ୍ରାୟ ଦୁଇବର୍ଷ ତଳେ ନିର୍ମାଣ ହୋଇଥିଲା। ବ୍ରିଜ କାମ ସାରି ଠିକାଦାର ଚାଲି ଯାଇଥିବା ବେଳେ ବିଭାଗ ଆପ୍ରୋଚ ରୋଡ ନିର୍ମାଣ ଏଯାଏ କରି ନାହିଁ। ଏହି ବ୍ରିଜର ଉଭୟ ପାର୍ଶ୍ୱରେ ଅନାବନା ଗଛଲତା ମାଡିଗଲାଣି। ଡ୍ରେନେଜ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବ୍ରିଜକୁ ବ୍ୟବହାର ଯୋଗ୍ୟ କରିବାକୁ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଅଗଷ୍ଟ ୧୭/୨୦୧୯ Balasore, Saturday, August 17/2019

## ସଂକ୍ଷେପରେ

### ମାଛ ଧରି ଫେରିବା ବେଳେ ବଜ୍ରପାତ ଜଣେ ମୃତ, ୨ ଗୁରୁତର

**ବସ୍ତା/ରୂପ୍‌ସା, ୧୬।୮(ସ୍ୱ.ପ୍ର./ଡି.ଏନ.ଏ.):** ବାଲେଶ୍ୱର ଜିଲା ସିଂଲା ଥାନା କଷାଫଳ ଗ୍ରାମରେ ବଜ୍ରପାତ ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ଗ୍ରାମର ଲକ୍ଷ୍ମୀଧର ସେଠୀ, ତ୍ରିଲୋଚନ ମଲ୍ଲିକ ଓ ଝାଡେଶ୍ୱର ପାତ୍ର ମାଛ ଧରିବାପାଇଁ ସମୁଦ୍ରକୁ ଯାଇଥିଲେ। ଶୁକ୍ରବାର ଅପରାହ୍ନରେ ମାଛ ଧରି ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ୩ ଜଣ ଗୁରୁତର ହୋଇପଡିଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତରଖାନା ପହଞ୍ଚିଲା ବେଳକୁ ଲକ୍ଷ୍ମୀଧର (୪୫) ଙ୍କ ମୃତ୍ୟୁ ହୋଇସାରିଥିଲା। ତେବେ ଅନ୍ୟ ୨ ଜଣ ତ୍ରିଲୋଚନ ଓ ଝାଡେଶ୍ୱର ଚିକିତ୍ସାଧୀନ ଅଛନ୍ତି।

### ଶ୍ରେଣୀଗୃହରୁ ନାଗ ଉଦ୍ଧାର



**ଭଣ୍ଡାରିପୋଖରୀ, ୧୬।୮ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ପଞ୍ଚାୟତ ହେଲପୁର ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ କକ୍ଷରୁ ଶୁକ୍ରବାର ୫ ଫୁଟ୍‌ର ଏକ ନାଗ ଉଦ୍ଧାର କରାଯାଇଛି। ସ୍କୁଲ ଖୋଲିବା ପରେ ଛାତ୍ରୀଛାତ୍ର ଏହି ଶ୍ରେଣୀଗୃହ ଝାଡୁ କରୁଥିଲେ। ପୂର୍ବରୁ ଏହି କୋଠରି ଭିତରକୁ ପଶି ଆସିଥିବା ନାଗ ସେମାନଙ୍କୁ ଦେଖି ଗର୍ଜନ କରିଥିଲା। ଫଳରେ ଛାତ୍ରୀଛାତ୍ର ସାପକୁ ଦେଖି ଦୌଡ଼ି ପଳାଇ ଯାଇଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଶ୍ରୀନିବାସ ପାଲ, ହୃଦାନନ୍ଦ ଦତ୍ତଙ୍କୁ ଜଣାଇବା ପରେ ସାପଧରାଳି ସେକ୍ ମିର୍ଜାଙ୍କୁ ଡାକି ଶ୍ରେଣୀଗୃହରୁ ନାଗ ବାହାର କରାଯାଇଥିଲା।

### ପୋଖରୀରେ ବୁଡ଼ି ଜଣେ ମୃତ

**ତିହିଡ଼ି, ୧୬।୮ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ପାଳିଆବିନ୍ଧା ପଞ୍ଚାୟତ ପାଳିଆ ନାୟକସାହି ଗ୍ରାମର ଚନ୍ଦ୍ରଭାନୁ ମହାନ୍ତି(୪୭) ଶୁକ୍ରବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୬/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁସାରେ, ଚନ୍ଦ୍ରଭାନୁ ତାଙ୍କ ଘରଠାରୁ କିଛି ଦୂରରେ ଥିବା ପୋଖରୀ ଭିତରେ ପଶି ମାଛଦାନା ପକାଇବାକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ତାଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ।

# ମୃତ୍ୟୁ ପରେ ବି 'ପଣ' ପ୍ରଥା ବାଟ ଓଗାଳିଲା

## ୨ ଦିନ ଘରେ ପଡ଼ି ରହିଲା ମହିଳାଙ୍କ ମୃତଦେହ

- ପୋଲିସ ୨ ପରିବାର ମଧ୍ୟରେ କଲା ଚୁକ୍ତିନାମା
- ମୃତଦେହ ବ୍ୟବଚ୍ଛେଦ ପରେ ହେଲା ଅନ୍ତିମ ସତ୍କାର

**ବାରିପଦା ଅଫିସ/ କୁଳିଅଣା, ୧୬।୮(ଡି.ଏନ୍.ଏ.)**

ଜାତିଆଣା ସାମାଜିକ ପ୍ରଥା କବଳରୁ ମୃତ୍ୟୁ ପରେ ବି କିଭଳି ମୁକ୍ତି ମିଳେନି ତାହାର ଏକ ନିଆରା ନଜିର ଦେଖିବାକୁ ମିଳିଛି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ କୁଚେଇ ଗାଁରେ ପାର୍ବତୀ ନାମ୍ନୀ ଜଣେ ମହିଳାଙ୍କ ମୃତଦେହ ୨ ଦିନ ଧରି ଘରେ ପଡି ରହିଥିଲା। ବିବାହ ସମୟରେ ପ୍ରଥା ଅନୁଯାୟୀ 'ପଣ' ଦିଆଯାଇ ନ ଥିବାରୁ ପାର୍ବତୀଙ୍କ ବାପଘର ଲୋକେ ମୃତଦେହକୁ ସତ୍କାର ପାଇଁ ଛାଡି ଦେଇ ନ ଥିଲେ। ସାମାଜିକ ପ୍ରଥା ଭଙ୍ଗ କରିଥିବା କାରଣରୁ ସେମାନେ 'ପଣ' ବାବଦ ବକେୟା ପ୍ରାପ୍ୟ ଦାବି କରିଥିଲେ। ଏନେଇ ଉଭୟ ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏଭଳି ପ୍ରଥା ବା ପରମ୍ପରା ବିବାଦକୁ ନେଇ ୨ ଦିନ ଧରି ଶବ ପଡି ରହିବା ଜାଣି କୁଳିଅଣା ଥାନା ପୋଲିସ ପହଞ୍ଚି ଆପୋଷ ବୁଝାମଣା ଉଦ୍ୟମ କରିଥିଲା। ଉଭୟ ପକ୍ଷ ଜିଦରେ ଅଡି ବସିବାରୁ ତିକ୍ତତା ବଢିଥିଲା। ଏହି ଖବର ପାଇବା ପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ ଶୁକ୍ରବାର ଘଟଣାସ୍ଥଳକୁ ଯାଇ ଏହାର ସମାଧାନ ଲାଗି ଏକ ଚୁକ୍ତିନାମା କରାଇଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ଲାଗି ବାରିପଦା ସ୍ଥିତ ପିଆରଏମ ମେଡିକାଲକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ବାରୁଣୀଘାଟରେ ମୃତଦେହର ସତ୍କାର କରାଯାଇଥିଲା।



କୁଚେଇ ଗାଁରେ ପୋଲିସ ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ପଳାଶବଣି ଗାଁର ପାର୍ବତୀ ୧୦ ବର୍ଷ ତଳେ କୁଚେଇ ଗାଁର କାନ୍ହା ସୋରେନଙ୍କୁ ଭଲପାଇ ବିବାହ କରିଥିଲେ। ପ୍ରଥା ଅନୁଯାୟୀ ସେତେବେଳେ ବରପକ୍ଷ କନ୍ୟାପକ୍ଷକୁ 'ପଣ' ଦେଇ ପାରି ନ ଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ପାର୍ବତୀ ଗତ କିଛି ଦିନ ଧରି ଜ୍ୱରରେ ପୀଡିତ ଥିଲେ। ଦେହ ଭଲ ନ ହେବାରୁ ସେ କ୍ରମେ ଶଯ୍ୟାଶାୟୀ ହୋଇ ପଡିଥିଲେ। ଗୁରୁବାର ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। କାନ୍ହା ଗରିବ ହୋଇ ଥିବାରୁ ପଡୋଶୀ ଲୋକେ ଚାନ୍ଦାକରି କିଛି ଅର୍ଥ ଶବଦାହ ପାଇଁ ଦେଇଥିଲେ। ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଦିଆଯାଇଥିଲା। ଖବରପାଇ ପାର୍ବତୀଙ୍କ ବାପଘର ଲୋକେ ଆସି ପହଞ୍ଚି ଥିଲେ। ବିବାହ ସମୟରେ ଦିଆଯାଇ ନ ଥିବାର 'ପଣ' ଲାଗି ଗଣ୍ଡଗୋଳ ଘଟିଥିଲା। କାନ୍ହଙ୍କ ପରିବାର ୩ ମାସ ସମୟ ମାଗିଥିଲେ ମଧ୍ୟ ଏଥିରେ ସହମତି ପ୍ରକାଶ ପାଇ ନ ଥିଲା। ଫଳରେ ମୃତଦେହ ସତ୍କାର ହୋଇ ପାରି ନ ଥିଲା। ଶୁକ୍ରବାର ଅନୁରୂପ ଅବସ୍ଥା ଲାଗି ରହିବାରୁ ପୋଲିସ ଯାଏ କଥା ଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ହସ୍ତକ୍ଷେପ ପରେ ଦୀର୍ଘ ୩୬ ଘଣ୍ଟା ପରେ ଶବ ସତ୍କାର ହୋଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୧୯) ରୁଜୁ ହୋଇଛି।



ହସ୍ପିଟାଲରେ ଝାଡ଼ାବାନ୍ତି ଆକ୍ରାନ୍ତ।

## ଥମୁନି ଝାଡ଼ାବାନ୍ତି

# ୯ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ: ଗ୍ରାମବାସୀ ଆତଙ୍କିତ

**ସଜନାଗଡ଼, ୧୬।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକର ବାଇଗଡ଼ିଆ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ୨ଜଣଙ୍କର ମୃତ୍ୟୁ ହୋଇଛି। ନୀଳଗିରି ବ୍ଲକର ମହିଷାପଟା ପଞ୍ଚାୟତର ଶାଳବଣୀ ଓ କୁଆନାଳୀ ଗ୍ରାମର ୭ଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅଯୋଧ୍ୟା, ନୀଳଗିରି ଓ ବାଲେଶ୍ୱର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଜଙ୍ଗଲୀ ଛତୁ, ଦୂଷିତ ପାଣି ଯୋଗୁ ଝାଡ଼ାବାନ୍ତି ହୋଇଥିବା ଅଞ୍ଚଳବାସୀ ଦାବି କରିଛନ୍ତି। ଖବର ପାଇ ବରହମ୍ପୁର ମୋବାଇଲ୍ ହେଲଥ୍ ୟୁନିଟ୍ ଆୟୁଷ ଡାକ୍ତର ଶ୍ରୀଧର ବେହେରା, ଫାର୍ମାସିଷ୍ଟ ଦିବାକର ମହାପାତ୍ର, ଏ.ଏନ୍.ଏମ୍. କୀର୍ତ୍ତିଲତା ନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତ ଅନୁଧ୍ୟାନ କରିବା ସହିତ ଝାଡ଼ାବାନ୍ତି ଯେପରି ଗାଁସାରା ନ ବ୍ୟାପେ ସେଥିପାଇଁ ଗ୍ରାମବାସୀଙ୍କୁ ସଚେତନ କରି ଔଷଧ ବଣ୍ଟନ କରିଥିଲେ। ଝାଡ଼ାବାନ୍ତିରେ ଗଣେଶ୍ୱର ବିଶ୍ୱାଳ (୪୮) ଗୁରୁତର ହୋଇ ନୀଳଗିରି ମେଡ଼ିକାଲରେ ଭର୍ତ୍ତି ହୋଇଥିବା ବେଳେ ଗ୍ରାମର ରମାକାନ୍ତ ନାୟକ (୫୨), ମକରୀ ନାୟକ (୪୫), ହସମଣୀ କୁସୁମାଳିଆ (୪୭), ବ୍ରହ୍ମାନନ୍ଦ ଦେଶୱାରୀ (୨୨), ଶାଳବଣୀ ରଜାସାହି ଗ୍ରାମର ବାଇଧର ସିଂ (୪୫), ବନୀ କୁସୁମାଳିଆ (୩୦), ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# ଜମିପଟ୍ଟା ଦାବିରେ ତହସିଲ ଅଫିସ ଘେରାଉ



ଭୂମିହୀନମାନେ ତହସିଲ ଅଫିସ ଘେରାଉ କରିଛନ୍ତି।

**ଭଦ୍ରକ ଅଫିସ, ୧୬।୮:** ଭଦ୍ରକ ବ୍ଲକ ଏରେଇଁ ପଞ୍ଚାୟତର ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଭୂମିହୀନ ମହିଳା ଓ ପୁରୁଷ ପଟ୍ଟା ପ୍ରଦାନ ଦାବିରେ ଶୁକ୍ରବାର ତହସିଲ ଅଫିସ୍ ଘେରାଉ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଦୀର୍ଘବର୍ଷ ଧରି ଉକ୍ତ ସ୍ଥାନରେ ରହିଆସୁଥିଲେ ମଧ୍ୟ ଜମିପଟ୍ଟା ପ୍ରଦାନ କରାଯାଉ ନାହିଁ। ଫଳରେ ସେମାନଙ୍କ ପୁଅଝିଅ ପାଠପଢ଼ା କ୍ଷେତ୍ରରେ ସରକାରୀ ସୁବିଧା ପାଇପାରୁ ନାହାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଜମିପଟ୍ଟା ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ବାଧ୍ୟହୋଇ ସେମାନେ ଶୁକ୍ରବାର ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ। ଶେଷରେ ୨୨୮ ଜଣ ଭୂମିହୀନଙ୍କଠାରୁ ତହସିଲଦାର ପ୍ରଦୀପ ସାହୁ ଆବେଦନ ପତ୍ର ଗ୍ରହଣ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୧୬।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ ଥଇଲା ଗ୍ରାମର କରୁଣାକର ମାଝି ନାମକ ଜଣେ ଚାଷୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ଗୁରୁବାର ଅପରାହ୍ନରେ ବିଲରେ ତଳି ଉପାଡୁ ଥିବାବେଳେ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ଭଣ୍ଡାରିପାଖରୀ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ କରୁଣାକରଙ୍କ ପୁଅ ବିଷ୍ଣୁଙ୍କ ଅଭିଯୋଗ କ୍ରମେ ଭଣ୍ଡାରିପୋଖରୀ ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୧/୧୯) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।




# ଉପସ୍ଥାନ ଖାତାରେ ଦସ୍ତଖତ କରାଇ ନ ଦେବାରୁ ଶିକ୍ଷୟିତ୍ରୀଙ୍କ ଧାରଣା

**ବାସୁଦେବପୁର, ୧୬।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତର ଏସ୍‌ଏସ୍‌ଜେଏସ୍(ସୁଆଁ ସୁଦର୍ଶନପୁର ଜଗନ୍ନାଥୀ ସିଦ୍ଧେଶ୍ୱରୀ) ସରକାରୀ ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ନିବେଦିତା ପାତ୍ର ଉପସ୍ଥାନ ଖାତାରେ ତାଙ୍କୁ ଦସ୍ତଖତ କରାଇ ନ ଦେବା ନେଇ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେ ଶୁକ୍ରବାର ଅପରାହ୍ନ ୪ଟାରୁ ସ୍କୁଲ ଅଫିସ୍ ଗୃହରେ ଧାରଣା ଦେଇ ବସି ରହିଥିଲେ। ଜାଣିଶୁଣି ତାଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରି କ୍ଲାସ୍ ସରିବା ପରେ ବାଧ୍ୟହୋଇ ସେ ଧାରଣା ପଦକ୍ଷେପ ନେଇଥିବା କହିଥିଲେ। ଶିକ୍ଷୟିତ୍ରୀ ପାତ୍ର ଧାରଣାରେ ବସି ରହିଥିବାରୁ ଅନ୍ୟ କେତେଜଣ ଶିକ୍ଷୟିତ୍ରୀ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ଅଟକି ରହିଥିଲେ।

ଶିକ୍ଷୟିତ୍ରୀ ପାତ୍ର ଅଭିଯୋଗ କରିଛନ୍ତି ଯେ, ବ୍ରଜାନନ୍ଦପୁର ଉ.ପ୍ରା. ବିଦ୍ୟାଳୟରୁ ଡେପୁଟେଶନରେ ଆସି ଗତ ୩ ବର୍ଷ ଧରି ସେ ଏହି ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଡେପୁଟେଶନ ରଦ୍ଦ ହୋଇଥିବାରୁ ତାଙ୍କର ବ୍ରଜାନନ୍ଦପୁର ଉ.ପ୍ରା. ବିଦ୍ୟାଳୟକୁ ବଦଳି ହୋଇଛି। ଏହି ବଦଳି ପ୍ରତିବାଦରେ ସେ ହାଇକୋର୍ଟରୁ ଷ୍ଟେ ଆଣିଛନ୍ତି। ତେବେ ଏହି ସ୍କୁଲ ପକ୍ଷରୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନି ତାଙ୍କୁ ରିଲିଭ କରି ଦିଆଯାଇଥିବାରୁ ଏହି ସମସ୍ୟା ଦେଖାଦେଇଛି। ଖବର ଲେଖାଯିବା ସୁଦ୍ଧା ଶିକ୍ଷୟିତ୍ରୀ ଜଣକ ଧାରଣାରେ ବସିରହିଥିଲେ।

# ଜଳେଶ୍ୱର ଡାକ୍ତରଖାନାରେ ଭଙ୍ଗାରୁଜା, ରାସ୍ତାରୋକୋ

**ଜଳେଶ୍ୱର, ୧୬।୮**

ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଗୋପୀକିଶନ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଜୀବିତ ବାଳକଙ୍କୁ ଡାକ୍ତର ମୃତ ଘୋଷଣା କରିବା ନେଇ ଗୁରୁବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଡାକ୍ତରଖାନା ପରିସରରେ ଭଙ୍ଗାରୁଜା କରିବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ମେଡିକାଲ ଇନଚାର୍ଜ ଗଣେଶ ଚନ୍ଦ୍ର ପାଳଙ୍କ ଘର ଉପରକୁ ଉତ୍ତ୍ୟକ୍ତ ଲୋକେ ଢେଲାପଥର ମାଡ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଜଳେଶ୍ୱର ପୋଲିସର ହସ୍ତକ୍ଷେପ ପରେ ଏହି ରାସ୍ତାରୋକୋ ଉଠିଥିଲା ବେଳେ ମୃତ ଶିଶୁର ପିତା ଇନତାଜ ଖାଁଙ୍କ ଏତଲା ଅନୁଯାୟୀ, ଜଳେଶ୍ୱର ଥାନାରେ ଡାକ୍ତରଙ୍କ ବିରୋଧରେ ଏକ ମାମଲା (ନଂ.୧୯୬/୧୯) ରୁଜୁ କରାଯାଇଛି। ଅପରପକ୍ଷେ ଡାକ୍ତରଙ୍କ ଉପରେ ଆକ୍ରମଣ ଘଟଣାରେ ଡାକ୍ତର ଗଣେଶ ଚନ୍ଦ୍ର ପାଳଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା (ନଂ.୧୯୫/୧୯) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖିଛି।

## ଜୀବିତ ବାଳକଙ୍କୁ ମୃତ ଘୋଷଣା



ଉତ୍ତେଜିତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ଏହି ଘଟଣାକୁ କେନ୍ଦ୍ରକରି ଜଳେଶ୍ୱରରେ ଏବେ ବି ଚାପା ଉତ୍ତେଜନା ଲାଗିରହିଛି

ରାଜପୁର ଗ୍ରାମର ଇନତାଜ ଖାଁ ଙ୍କ ପୁଅ ହଲିମ(୧୨)ଅସୁସ୍ଥ ଥିବାରୁ ତାଙ୍କୁ ଗୁରୁବାର ସକାଳେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ପିଲାଟି ମୃତ୍ୟୁବରଣ କରିଥିବା ସନ୍ଦେହ କରି ଇନଚାର୍ଜଙ୍କ ବାସଭବନକୁ ପଠାଇଦେଇଥିଲେ। ସେଠାରେ ଇନଚାର୍ଜ ଡାକ୍ତର ପାଲ ପିଲାଟି ମୃତ୍ୟୁବରଣ କରିଥିବା ନେଇ ଘୋଷଣା କରିଥିଲେ। ପରିବାର ଲୋକେ ପିଲାଟିକୁ ଘରକୁ ନେଇଯାଇଥିଲେ। ଘରେ ପହଞ୍ଚି ପିଲାଟି ବଞ୍ଚିଥିବା ଜାଣିବାକୁ ପାଇ ପୁନର୍ବାର ଡାକ୍ତରଖାନାକୁ ନେଇଆସିଥିଲେ। ଡାକ୍ତର ପିଲାକୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମାତ୍ର ପରିବାର ଲୋକେ ପିଲାଟିକୁ ବାଲେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପିଲାଟିକୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଶୁକ୍ରବାର ଡାକ୍ତରଖାନା ପରିସରରେ ରୋଗୀ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଜଳେଶ୍ୱର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଡାକ୍ତର ଓ ଅନ୍ୟାନ୍ୟ ଷ୍ଟାଫ ପଦବୀ ପୂରଣ କରିବା ଦାବି କରି ଆଇନଜୀବୀ ରାମଚନ୍ଦ୍ର ଜେନାଙ୍କ ଆବାହକତ୍ୱରେ ଡଃ ଭାସ୍କର ଚନ୍ଦ୍ର ମିଶ୍ର, ରମାକାନ୍ତ ଭଞ୍ଜ, ଡଃ ଈଶ୍ୱର ଚନ୍ଦ୍ର ଜେନା, ଅରୁଣ ବେଜ, ସମୀର ପାତ୍ର, ଦିଲୀପ ଗିରି, ଚିତ୍ତରଞ୍ଜନ ପରିଡା, ସୁଦାମ ପାତ୍ର, ଶରତ କୁମାର ପରିଡା, କମଳ ଚକ୍ରବର୍ତ୍ତୀ, କପିଳେଶ୍ୱର ମହାନ୍ତି ପ୍ରମୁଖ ହସପିଟାଲ ପରିସରରେ ଧାରଣାରେ ବସିଥିଲେ। ବାଲେଶ୍ୱର ସିଡିଏମ୍‌ଓ ଡାଃ କମଳାକାନ୍ତ ନାୟକ, ଡି.ଇ.ଓ, ଏନ୍.ପି.ସି.ବି. ମନୋଜ କୁମାର ଦାସ ଓ କନିଷ୍ଠଯନ୍ତ୍ରୀ ଜ୍ୟୋତିର୍ମୟୀ ମଲିକ ପ୍ରମୁଖ ହସ୍‌ପିଟାଲରେ ପହଞ୍ଚି ୧୫ ତାରିଖ ଗଣ୍ଡଗୋଳ ଓ ଭଙ୍ଗାରୁଜା ସମ୍ପର୍କରେ ସରଜମିନ ତଦନ୍ତ କରି ଡାକ୍ତର ଗଣେଶ ଚନ୍ଦ୍ର ପାଲ ଓ ଷ୍ଟାଫମାନଙ୍କୁ ପଚରାଉଚୁରା କରିଥିଲେ। ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ହସ୍‌ପିଟାଲ ପରିସରରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପୋଡି ହୋଇ ଗୁରୁତର ଯୁବତୀଙ୍କ ମୃତ୍ୟୁ

ଆନନ୍ଦପୁର,୧୬। ୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଶାଳବଣି ଗ୍ରାମରେ ପ୍ରିୟଙ୍କା ନାଥ (୨୭) ନାମ୍ନୀ ଜଣେ ଯୁବତୀ ଗୁରୁବାର ନିଆଁରେ ପୋଡି ହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରରୀର ପ୍ରାୟ ୯୦ ପ୍ରତିଶତ ପୋଡିଯାଇଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ଶୁକ୍ରବାର ପରାହ୍ନରେ ମୃତଦେହକୁ ଶାଳବଣି ଗ୍ରାମକୁ ଅଣାଯାଇ ଶେଷ ସତ୍କାର କରାଯାଇଛି। ଯୁବତୀ ଜଣଙ୍କ ହେଉଛନ୍ତି ଶାଳବଣି ଗ୍ରାମର ପିତାମ୍ବର ନାଥଙ୍କ ଝିଅ ପ୍ରିୟଙ୍କା ନାଥ(୨୭)। ସେ କିଭଳି ନିଆଁରେ ପୋଡିଗଲେ ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଢେଙ୍କିକୋଟ, ୧୬।୮(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବଡ଼ମସିଣା ବିଲା ପଞ୍ଚାୟତ ମେଦିନପୁର ମୁଣ୍ଡାସାହିରେ ଶୁକ୍ରବାର ବିଷାକ୍ତ ସାପ କାମୁଡ଼ାରେ ଜେମା ମୁଣ୍ଡ(୫୪) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଜେମା ଭୋର୍ ସମୟରେ ଜଙ୍ଗଲକୁ ଛତୁ ତୋଳିବା ପାଇଁ ଯାଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଘରକୁ ଫେରି ଆସିଥିଲେ। ଅବସ୍ଥା ଗୁରୁତର ହେବାରୁ ତାକୁ ଘଟଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ଏବଂ କନଷ୍ଟେବଲ ସୁଶୀଲ ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ଏ ନେଇ ଥାନାରେ ଏକ ମାମଲା (ନଂ ୪୨/୧୯)ରୁଜୁ କରି ତଦନ୍ତ ଜାରି ରଖଥିବା କହିଛନ୍ତି।

### ୩ ସନ୍ଦିଗ୍ଧଙ୍କୁ ଛାଡିଲା ପୋଲିସ

ହାଟଡିହୀ,୧୬। ୮(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଏଲକଣିଆ ଗ୍ରାମର ମହିଳାମାନେ ଗୁରୁବାର ରାତିରେ ୩ ଜଣ ସନ୍ଦିଗ୍ଧ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସେମାନେ ରାତି ପ୍ରାୟ ୯ ଟା ବେଳେ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡି ପଛପଟେ ପଶିବାକୁ ଉଦ୍ୟମ କରୁଥିଲ। ମହିଳାମାନେ ଏହା ଦେଖି ସେମାନଙ୍କୁ ଧରିଥିଲେ। ଖବରପାଇ ନନ୍ଦିପଦା ପୋଲିସ ପହଞ୍ଚି ସମ୍ପୃକ୍ତ ୩ ଜଣଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କ ଘର ଆନ୍ଧୋ ଅଞ୍ଚଳରେ। ଉଭୟ ଗ୍ରାମର କେତେକ ଲୋକ ଶୁକ୍ରବାର ନନ୍ଦିପଦା ଥାନାକୁ ଯାଇ ଘଟଣାର ଆପୋଷ ସମାଧାନ କରିବା ପରେ ଅଟକ ଥିବା ବ୍ୟକ୍ତିଙ୍କୁ ଛଡାଯାଇଥିବା ପୋଲିସ କହିଛି।

### ବିବାଦୀୟ ଜମିକୁ ନେଇ ଗଣ୍ଡଗୋଳ, ୨ ଆହତ

ଆନନ୍ଦପୁର,୧୬। ୮(ସ୍ୱ.ପ୍ର.)- ଆନନ୍ଦପୁର ଥାନା କଣ୍ଟିପାଳ ମୌଜା ବିରିଡାହା ଗ୍ରାମର ଏକ ବିବାଦୀୟ ଜମିକୁ ନେଇ ପୁଣି ଗଣ୍ଡଗୋଳ ଘଟି ୨ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଦଫା ୩୪୧, ୧୮୮, ୨୯୪, ୩୨୩, ୩୦୭, ୫୦୬, ୩୪ ଆଇପିସିରେ ଏକ ମାମଲା( ନଂ.ନଂ ୧୪୮/୧୯) ରୁଜୁ କରି ଗଣ୍ଡଗୋଳ ଘଟାଇଥିବା ଅଭିଯୋଗରେ ୩ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଉଲ୍ଲେଖନୀୟ ଯେ, ଏହି ଜମିକୁ କେନ୍ଦ୍ରକରି ସୁଦର୍ଶନଙ୍କ ପରିବାର ଓ ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନରୁ ବିବାଦ ଲାଗିରହିଛି। ପୂର୍ବରୁ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ମାମଲା ରୁଜୁ ହୋଇଥିଲା। ପରେ ଆନନ୍ଦପୁର ତହସିଲ ପକ୍ଷରୁ ବିବାଦୀୟ ଜମିକୁ ମାପଚୁପ କରାଯାଇଥିଲା। ଏହା ସତ୍ତ୍ୱେ ବିବାଦ ନ ତୁଟିବାରୁ ଗତ ୬ ତାରିଖରେ ସେହି ଜାଗାରେ ୧୪୪ ଧାରା ଜାରି କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଲୋକଙ୍କ ଆକ୍ରୋଶର ଶିକାର ପୋଲିସ

ପାଟଣା, ୧୬।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନାର ଭ୍ୟାନ ସମେତ ୩ ଜଣ ପୋଲିସ କର୍ମଚାରୀଙ୍କୁ ଟଭାସରୁଆ ଗ୍ରାମବାସୀ ଗୁରୁବାର ରାତିରେ ଅଟକ ରଖି ପୋଲିସ ବ୍ୟବସ୍ଥା ଉପରୁ ସେମାନଙ୍କ ଆସ୍ଥା ତୁଟିଥିବା ଅଭିଯୋଗ କରିଥିଲେ। ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହେଉଥିବା ଗାଁର ୪ ଯୁବକଙ୍କୁ ପୋଲିସ ଉଦ୍ଧାର କରିବାରେ ବିଫଳତା ହେବା ନେଇ ସେମାନେ ଏଭଳି ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପୋଲିସ ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ଫେରିଥିଲା।

ଗ୍ରାମବାସୀ ଦର୍ଶାଇଥିଲେ ଯେ, ବଡ଼ବିଲ ପଞ୍ଚାୟତ ଟଭାସରୁଆ ଗ୍ରାମର ୪ ଜଣ ଯୁବକଙ୍କୁ ୩ଜଣ ସ୍ଥାନୀୟ ଦଲାଲ ଗତ ମେ ୨୦ ତାରିଖରେ ଦିଲ୍ଲୀର ଏକ ମେଡିସିନ ଫ୍ୟାକ୍ଟ୍ରିରେ ମାସକୁ ୧୦ ହଜାର


ଟଭାସରୁଆ ଗାଁରେ ବିଧାୟକ ଜଗନ୍ନାଥ ନାଏକ।

ଟଙ୍କାର ଦରମାରେ କାମ ଦେବାର ପ୍ରତିଶ୍ରୁତି ଦେଇ ନେଇଯାଇଥିଲେ। ପରେ ଦିଲ୍ଲୀରୁ ଅନ୍ୟଜଣେ ଠିକାଦାରଙ୍କ ଜରିଆରେ ରାଜସ୍ଥାନର କୌଣସି ଏକ ଆଇସ୍କ୍ରିମ ଫ୍ୟାକ୍ଟ୍ରି କୁ ନିଆଯାଇ ସେଠାରେ ଦାଦନ ଖଟିବାକୁ ବାଧ୍ୟ କରାଯାଇଥିଲା। ବିନା ଦରମାରେ ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ଯାତନା ସହି କାମ କରିବା ପରେ କୌଣସି ମତେ ଘରକୁ ଫୋନ୍ କରି ସେମାନଙ୍କୁ ଉଦ୍ଧାର କରିବାକୁ ଜଣାଇଥିଲେ। ଏହାପରେ ଏହି ୪ ଯୁବକଙ୍କ ମା' ଗ୍ରାମବାସୀଙ୍କ ସହ ଗତ ଜୁଲାଇ ୨୦ ତାରିଖରେ ପାଟଣାଥାନାକୁ ଯାଇ ଅଭିଯୋଗ କରିଥିଲେ। ୪ ଯୁବକ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହୋଇଥିବା

- ୩ କର୍ମଚାରୀଙ୍କ ସମେତ ଭ୍ୟାନକୁ ଅଟକ ରଖି ପରେ ଛାଡ଼ିଲେ ଗ୍ରାମବାସୀ

ନେଇ ଗତ ୯ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ପାଟଣା ବିଧାୟକ ଜଗନ୍ନାଥ ନାଏକ ଗୁରୁବାର ପୂର୍ବାହ୍ନରେ ଏହି ଗ୍ରାମକୁ ଯାଇ ଘଟଣା ଅନୁଧ୍ୟାନ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ପାଟଣା ପୋଲିସ ଗୁରୁବାର ରାତ୍ରିରେ ଟଭାସରୁଆ ଗାଁକୁ ଯାଇ ଲେବର କୋର୍ଟର ଆଶ୍ରୟ ନେବା ଲାଗି ସମ୍ପୃକ୍ତ ଅଭିଭାବକଙ୍କୁ ବୁଝାଇଥିଲା । ଏଭଳି ସ୍ଥିତିରେ ସେଠାରେ ପୋଲିସକୁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥିଲା। ସେମାନେ ୩ ପୋଲିସ କର୍ମଚାରୀଙ୍କ ସମେତ ପୋଲିସ ଗାଡିକୁ ଗ୍ରାମରେ ଅଟକ ରଖି ଦାଦନ ଖଟିବାକୁ ଯାଇଥିବା ଏହି ୪ଯୁବକଙ୍କୁ ଶୀଘ୍ର ଉଦ୍ଧାର କରିବାକୁ ଦାବି କରିଥିଲେ।

# ଜାତୀୟ ପତାକାକୁ ଅସମ୍ମାନ: ଥାନାରେ ମାମଲା

କେନ୍ଦୁଝର, ୧୬।୮(ସ୍ୱ.ପ୍ର.)

ଜାତୀୟ ପତାକାକୁ ଅସମ୍ମାନ କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଗୁରୁବାର ଏକ ମାମଲା ରୁଜୁ କରିଛି । ଏଭଳି ଏକ ଘଟଣା ପୁରୁଳିଆ ଗ୍ରାମରେ ଘଟିଛି । ଏକ ଦିବ୍ୟଜ୍ୟୋତି କ୍ଲବ ପକ୍ଷରୁ ଏ ନେଇ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଗ୍ରାମର ଏକ ଘର ଆଗରେ କ୍ଲବ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା। ଏହାକୁ ନେଇ ପରେ ବିବାଦ ଦେଖାଦେଇଥିଲା । ତାଙ୍କ ଘର ସାମନାରେ ପତାକା ଉତ୍ତୋଳନ କରାଯିବାକୁ ଜଣେ ଆଦିବାସୀ ବୃଦ୍ଧା ଏହାକୁ ବିରୋଧ କରି ଖଣ୍ଟକୁ ଓପାଡି ପକାଇ ଥିଲେ । ଏ ନେଇ କ୍ଲବ ପକ୍ଷରୁ ସଭ ।ପତି ଧରଣୀ ଦାସ ଜାତୀୟ ପତାକାକୁ ଅବମାନନା କରାଯାଇଥିବା ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏତଲାକୁ ଭିତ୍ତିକରି ଏକ ମାମଲା (ନଂ.୨୦୭/୧୯) ରୁଜୁ କରି ତଦନ୍ତ କରୁଥିବା କହିଛି। ତେବେ ମହିଳା ଜଣଙ୍କ ପୋଲିସ ଆଗରେ କହିଛନ୍ତି, ସେ ଜାଣିଶୁଣି ପତାକାକୁ ଅବମାନନା କରି ନାହାନ୍ତି। ତାଙ୍କ ଘର ସମ୍ମୁଖରେ ଖୁଣ୍ଟ ପୋତିବା ନେଇ ସେ ପ୍ରତିବାଦ କରିଥିଲେ । ଯଦି ଭୁଲ କରିଥିବେ ଦେବେ ଯାହା ଦଣ୍ଡ ଦେବା କଥା ଦିଅନ୍ତୁ ବୋଲି ସେ କହିବା ବେଳେ କାନ୍ଦି ପକାଇଥିଲେ। ଅନ୍ୟ ପକ୍ଷେ ଦଳିତ ସଂଗଠନ ପକ୍ଷରୁ ରମାକାନ୍ତ ପାତ୍ର ଜଣେ ଦଳିତ ମହିଳାଙ୍କ ଘର ସାମନାରେ କାହିଁକି ପତାକା ଉତୋଳନ କରାଗଲା ଏହାର ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି। ଏହାକୁ ନେଇ ଏକ ଭିଡିଓ ଭାଇରାଲ ହୋଇଥିବାରୁ ପୋଲିସ ଏସବୁର ଯାଞ୍ଚ କରଥିବା କହିଛି।

# ଖୋଜା ଚାଲିଥିଲେ ବି ପତ୍ତା ମିଳିନି

ବଡବିଲ,୧୬।୮ (ସ୍ୱ.ପ୍ର.)

- ପାଚେରି ଡେଇଁ ୩ ଦିନ ହେଲା କଏଦୀ ଚମ୍ପଟ
- ଜେଲ୍ ୱାର୍ଡରଙ୍କ ସମେତ ୨ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍
- ସିସିଟିଭି କ୍ୟାମେରାରେ ଚମ୍ପଟ ଦୃଶ୍ୟ କଏଦ

କେନ୍ଦୁଝର ଜିଲା ବଡବିଲସ୍ଥିତ ସବ୍‌ଜେଲର ପାଚେରି ଡେଇଁ ଗତ ୧୩ ତାରିଖ ରାତିରେ ଜଣେ ବିଚାରାଧୀନ କଏଦୀ ଚମ୍ପଟ ମାରିଥିବାରୁ ତାଙ୍କୁ ଧରିବା ଲାଗି ତନାଘନା ଚାଲିଛି। ଅଭିଯୁକ୍ତ ହେଲେ ଗାଡା ହଟିଂ ଅଞ୍ଚଳର ସାୱନ ପାତ୍ର ଓରଫ କୁନା। ଗତ ୧ ତାରିଖରେ ଏକ ବାଇକ ଚୋରି ଘଟଣାରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ବିଚାରାଧୀନ କଏଦୀ ଭାବେ ସବ୍‌ଜେଲରେ ଥିବାବେଳେ ତାଙ୍କୁ ଗତ ୧୩ ତାରିଖ ଅପରାହ୍ନରେ ରୋଷେଇ କାର୍ଯ୍ୟରେ ସହଯୋଗ କରିବାକୁ କୁହାଯାଇଥିଲା। ଏହି ଅବସରରେ ସୁଯୋଗ ଦେଖି ସେ ପ୍ରଶାସନିକ ବିଲ୍ଡିଂ ଉପରେ ଚଢି କୌଣସିମତେ ପାଚେରି ଡେଇଁ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ଘଟଣା ବିଷୟରେ କାହାରିକୁ କିଛି ଜଣା ନ ଥିଲା। ସନ୍ଧ୍ୟାରେ ରାତ୍ରିଭୋଜନ ବେଳେ କଏଦୀ ଗଣତି ହେବା ସମୟରେ ଜଣେ କଏଦୀ କମ୍ ପଡିବାରୁ ତନାଘନା ଆରମ୍ଭ ହୋଇଥିଲା। ପରେ ସିସି କ୍ୟାମେରାରୁ କଏଦୀ ଚମ୍ପଟ ମାରିବା ଘଟଣାର ଦୃଶ୍ୟ ଦେଖିବା ପରେ ଘଟଣା ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ ବଡବିଲ ସବ୍‌ଜେଲର ଜେଲର ସୁଧାଂଶୁ ଶେଖର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଡ୍ୟୁଟିରେ ଅବହେଳା ଯୋଗୁ ବିଚାରଧୀନ କଏଦୀ ସାୱନ କୌଣସି ପ୍ରକାରେ ପାଚେରି ଡେଇଁ ଚମ୍ପଟ ମାରିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଡ୍ୟୁଟିରେ ଥିବା କର୍ମଚାରୀଙ୍କ ଅବହେଳାରୁ ଏଭଳି ଘଟଣା ଘଟିଛି। ଏ ନେଇ ସଂପୃକ୍ତ ଜେଲ ୱାର୍ଡର ସଞ୍ଜିତ କୁମାର ନାୟକ ଓ ବିଜୟ କୁମାର ନାୟକଙ୍କୁ କାରଣଦର୍ଶାଅ ନୋଟିସ କରାଯାଇଥିବା ସେ କହିଛନ୍ତି।

### ଜେଲ ଅନ୍ତେବାସୀଙ୍କୁ ରାଖୀ ବାନ୍ଧିଲେ

ବଡବିଲ,୧୬।୮ (ସ୍ୱ.ପ୍ର.)

ପ୍ରଜାପିତା ବ୍ରହ୍ମାକୁମାରୀମାନେ କେନ୍ଦୁଝର ଜିଲା ବଡବିଲସ୍ଥିତ ସବ୍‌ଜେଲକୁ ଯାଇ ରକ୍ଷାବନ୍ଧନ ଅବସରରେ ଅନ୍ତେବାସୀଙ୍କ ହାତରେ ରାଖୀ ବାନ୍ଧିଥିଲେ। ସବ୍‌ଜେଲରେ ଥିବା ୬୦ଜଣ ଅନ୍ତେବାସୀଙ୍କୁ ବିଭିନ୍ନ କୁଅଭ୍ୟାସରୁ ଦୂରେଇ ରହିବା ଏବଂ କରିଥିବା ଦୋଷର ପଶ୍ଚାତାପ କରି ଦେଶ ଓ ଜାତିର ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ କୁହାଯାଇଥିଲା। ବଡବିଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀମାନେ ଛାତ୍ରମାନଙ୍କ ହାତରେ ରାଖୀ ବାନ୍ଧି ଆନନ୍ଦଉଲ୍ଲାସର ସହ ରକ୍ଷାବନ୍ଧନ ଉତ୍ସବ ପାଳନ କରିଥିଲେ।

### ପଞ୍ଚାୟତରେ ଚାରାରୋପଣ

ଆନନ୍ଦପୁର,୧୬। ୮(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ତରତରା ପଞ୍ଚାୟତରେ ୭୩ ତମ ସ୍ୱାଧୀନତା ଦିବସ ଅବସରରେ ଚାରାରୋପଣ କରାଯାଇଥିଲା। ସରପଞ୍ଚ ଜିତେନ୍ଦ୍ର ସାମଲଙ୍କ ସଂଯୋଜନାରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସୁବାସ ସାମଲ, ସମାଜସେବୀ ସ୍ୱଦେଶ ସାମଲ, ସୁରେଶ ଧଳ, ଦୟାଧର ଧଳ, ଜଗବନ୍ଧୁ ବେହେରା, ଠକ ପାତ୍ର, ବାସୁଦେବ ପଣ୍ଡା, ଶିକ୍ଷାବିତ୍ ମଦନ ମୁଦୁଲି, ଓାର୍ଡ଼ ସଭ୍ୟ ନିବେଦିତା ନାୟକ, ନିରଞ୍ଜନ ସାମଲ, ନିତ୍ୟାନନ୍ଦ ଦେହୁରୀ, କାଳନ୍ଦୀ ଜେନା, ସୁଶାନ୍ତ ଜେନା ପ୍ରମୁଖ ଯୋଗ ଦେଇ ପୋଖରୀ ହୁଡ଼ା, ରାସ୍ତାକଡ଼ ଆଦି ସ୍ଥାନରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ।

### ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦୁଝର, ୧୬।୮(ସ୍ୱ.ପ୍ର.)

ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ୧୦୦ବର୍ଷ ପୂର୍ତ୍ତି ଅବସରରେ କେନ୍ଦୁଝର ଏବିଭିପି ଶାଖା ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଏବିଭିପିର କାର୍ଯ୍ୟକର୍ତ୍ତାଙ୍କ ସମେତ ବିଭିନ୍ନ କଲେଜ ଛାତ୍ରୀଛାତ୍ର ମାଇନିଂରୋଡ ଖଣି ଯାନ୍ତ୍ରିକ ବିଦ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

# ଆହତ ଛାତ୍ରଙ୍କୁ ମିଳିଲା ସହାୟତା

ଆନନ୍ଦପୁର/ହାଟଡିହୀ,୧୬। ୮(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଉଅଁର ଗ୍ରାମର ମେଧାବୀ ଛାତ୍ର ନିତୀଶ ରାଉତ ଦୁର୍ଘଟଣାର ଶିକାର ହୋଇ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅସ୍ତ୍ରୋପଚାର ପାଇଁ ୫ ଲକ୍ଷ ଟଙ୍କା ଆବଶ୍ୟକ। ନିତୀଶ ମଧ୍ୟବିତ୍ତ ପରିବାରର ହୋଇଥିବାରୁ ଅର୍ଥାଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଗୁରୁତର ଆହତ ଛାତ୍ରଙ୍କ ଚିକିତ୍ସା ଲାଗି ଯଥାସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି କହିଛି। ଅପରପକ୍ଷେ ସର୍ଭ ଫର ପିପୁଲ ଗ୍ରୁପ ତରଫରୁ ଏହି ଆହତ ଛାତ୍ରଙ୍କ ଚିକିତ୍ସା ପାଇଁ ଏବେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଗ୍ରୁପର ବିଷ୍ଣୁ ପ୍ରିୟା ସା, ଚନ୍ଦ୍ରମୌଳୀ ମହାନ୍ତି, ଅନନ୍ତ ସାହୁ, ରଞ୍ଜନ କୁମାର, ଅଭିଳାଷ ବେହେରା, ଡ. ଦେବିଦତ ମହାନ୍ତି ପ୍ରମୁଖ ସଦସ୍ୟମାନେ ଛାତ୍ରଙ୍କ ସମ୍ପର୍କୀୟଙ୍କୁ ଭେଟି ଏହି ସହାୟତା ପ୍ରଦାନ କରିଛନ୍ତି।


ସର୍ଭ ଫର ପିପୁଲ ଗ୍ରୁପ ତରଫରୁ ସହାୟତା ଦିଆଯାଉଛି।

ଉଲ୍ଲେଖନୀୟ ଯେ, ନିତୀଶ ଆନନ୍ଦପୁର କଲେଜରେ ଯୁକ୍ତ ୩ ବାଣିଜ୍ୟ ଶେଶ ବର୍ଷର ଛାତ୍ର । ଗତ ୬ ତାରିଖ ଅପରାହ୍ନରେ କଲେଜରୁ ମୋଟର ସାଇକେଲରେ ଘରକୁ ଫେରୁଥିବାବେଳେ ଆନନ୍ଦପୁର-ଭଦ୍ରକ ୫୩ ନଂ ରାଜ୍ୟ ରାଜପଥ ଶାଳବଣିଠାରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ହାଟଡିହୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇପରେ ଭଦ୍ରକ ଓ କଟକ ସ୍ଥାନାନ୍ତର କରାଯାଇଥିଲା।

# ମା'ଙ୍କ ପୂଜା ପାଇଁ ମାଟି ଆସିଲା

ଝୁମ୍ପୁରା/ଢେଙ୍କିକୋଟ, ୧୬।୮ (ଡି.ଏନ.ଏ.)

ଗହ୍ମାପୂର୍ଣ୍ଣିମା ପାଳନ ଅବସରରେ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ପରମ୍ପରା ଅନୁଯାୟୀ ଶାରଦୀୟ ପୂଜା ଲାଗି ମାଟି ଅଣାଯିବା ସହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ଅଞ୍ଚଳର ବଡ ପୂଜା ଭାବେ ପରିଚିତ ଶାରଦୀୟ ଦୁର୍ଗାପୂଜା ସମ୍ପୂର୍ଣ୍ଣ ରୀତିନୀତି ଅନୁସାରେ ଶ୍ମଶାନରୁ ମାଟି ଅଣାଯାଇଥିଲା। ଦିନକ ପୂର୍ବରୁ ଶ୍ମଶାନର ଏକ ପାର୍ଶ୍ୱ ଜାଗାକୁ ସଫାକରି ଗୋବରରେ ଲିପାପୋଛା କରାଯାଇଥିଲା। ଗହ୍ମାପୂର୍ଣ୍ଣିମାରେ ମୁଖ୍ୟ କଳସଧାରୀଙ୍କ ସହିତ ବ୍ରାହ୍ମଣ, ବାରିକ, କୁମ୍ଭାର ଓ ଅନ୍ୟ କଳସଧାରୀ ସଦସ୍ୟ ବାଜା ରୋଶଣି କରି ଶ୍ମଶାନରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ସେହି ନିର୍ଦ୍ଦିଷ୍ଟ ସ୍ଥାନରୁ ମାଟି ଖୋଳି ଏକ ଲାଲ କପଡାରେ ଗୁଡାଇ


ମାଟି ଅଣାଯିବା ପରେ ମା'ଙ୍କ ପୀଠରେ ମୁଖ୍ୟ କଳସଧାରୀଙ୍କ ସହିତ ଅନ୍ୟମାନେ।

୨ଜଣ କଳସଧାରୀ ଭାର କରି ମା'ଙ୍କ ପୀଠକୁ ଆଣି ରଖିଥିଲେ। ଶ୍ମଶାନରୁ ଅଣାଯାଇଥିବା ମାଟି ମିଶାଇ ମା'ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ଗଢାଯିବା ପରମ୍ପରା ଏଠାରେ ପାଳିତ ହୋଇ ଆସୁଅଛି। ସେହିପରି ଢେଙ୍କିକୋଟ ଶାରଦୀୟ ଦୁର୍ଗାପୂଜା ଦେବୀ କମିଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ପୁରୋଧା ବୈଲୋଚନ ବେହେରା, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ବୈଠକରେ ଯୋଗଦେଇ ଜନ୍ମାଷ୍ଟମୀ ତିଥିରେ ମା'ଙ୍କ ମୂର୍ତ୍ତି ନିର୍ମାଣ ଲାଗି ମାଟି ଉଠାଣ ସମେତ ବିଭିନ୍ନ ପୂଜା ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଶାରଦୀୟ ଉତ୍ସବରେ ଜିଲାର ୩ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ଏବଂ ଭଜନ ସନ୍ଧ୍ୟା ଆୟୋଜନ ଲାଗି ନିଷ୍ପତ୍ତି ନିଆଯାଇଥିଲା।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ଅବସରରେ ବରିଷ୍ଠ ନାଗରିକ।

ହାଟଡିହୀ,୧୬। ୮(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ବିକାଶ ମଞ୍ଚ ତରଫରୁ ସଭାପତି ନିତ୍ୟାନନ୍ଦ ପହିଙ୍କ ଅଧକ୍ଷତାରେ ସ୍ୱାଧୀନତା ଦିବସ ପାଳନ ଅବସରରେ ୪ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରେମାନନ୍ଦ ଜେନା ଓ କ୍ଷେତ୍ରବାସୀ ରାଜ, ହରିଭକ୍ତ ଶ୍ରୀଧର ସୁତାର, ଜ୍ୟୋତିର୍ବିଦ ଶୁକଦେବ ନାୟକଙ୍କୁ ଆୟୋଜିତ ବୈଠକରେ ବିକାଶ ମଞ୍ଚର ସୁରେନ୍ଦ୍ର ବାରିକ, ବିଷ୍ଣୁ ପ୍ରସାଦ ବେହେରା, ଆଦିକନ୍ଦ ପହି, ରମାକାନ୍ତ ମଲ୍ଲିକ ପ୍ରମୁଖ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସନାତନ ଜେନା, ଭଗବାନ ନାୟକ, ଶାନ୍ତନୁ ନାୟକ, କାମପାଳ ନାୟକ, ସଦାଶିବ ଚକ୍ର, ବଳରାମ ମଲ୍ଲିକ, ଯତିନ୍ଦ୍ର ମଲ୍ଲିକ, ପ୍ରକାଶ ମହାନ୍ତି, ଇନ୍ଦ୍ରମଣି ଜେନା, ନୃସିଂହ ଚରଣ ସେଠୀଙ୍କ ସହ ବିକାଶ ମଞ୍ଚର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରେଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୧୬।୮ (ସ୍ୱ.ପ୍ର./ଡି.ଏନ.ଏ.)

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ କେନ୍ଦୁଝର ଜିଲାର ଶ୍ରେଷ୍ଠ ମାଟ୍ରିକ୍ୟୁଲେଟ ଭାବେ ସୋନାଲ ଶେଖର ମାଝୀ, ଶ୍ରେଷ୍ଠ ବାଳିକା ମାଟ୍ରିକ୍ୟୁଲେଟ୍ ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଶ୍ରେଷ୍ଠ ଏସ୍.ଟି ମାଟ୍ରିକ୍ୟୁଲେଟ ଭାବେ ଆଶୀର୍ବାଦ ନାଏକ, ଶ୍ରେଷ୍ଠ ଏସ୍.ସି. ମାଟ୍ରିକ୍ୟୁଲେଟ ଭାବେ ଅର୍ପିତା ପ୍ରିୟଦର୍ଶିନୀ ଜେନା, ଶ୍ରେଷ୍ଠ ଜୁଆଙ୍ଗ ମାଟ୍ରିକ୍ୟୁଲେଟ ଭାବେ ସୁରେନ୍ଦ୍ର ଜୁଆଙ୍ଗ, ଶ୍ରେଷ୍ଠ ଆଇ.ସି.ଏସ୍.ଇ. ମାଟ୍ରିକ୍ୟୁଲେଟ୍ ଭାବେ ଆହାନ୍ ପଣ୍ଡା, ଶ୍ରେଷ୍ଠ ଯୁକ୍ତ୨ ବିଜ୍ଞାନ ଛାତ୍ର ଭାବେ ରୁଦ୍ରନାରାୟଣ ସାହୁ, ଶ୍ରେଷ୍ଠ ଯୁକ୍ତ୨ କଳା ଛାତ୍ର ଭାବେ ଫିଜାଇନା ଇନ୍‌ସାଲ, ଶ୍ରେଷ୍ଠ ଯୁକ୍ତ୨ ବାଣିଜ୍ୟ ଛାତ୍ର ଭାବେ ଲକ୍ଷ୍ମୀ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦର୍ଶସେବକ ଭାବେ ରାଙ୍କି ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଧାକର କୁଅଁର, ଆଦର୍ଶ ସେବିକା ଭାବେ ବଳା ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଝରଣା ନାୟକ, ଆଦର୍ଶ ଅଙ୍ଗନୱାଡିକର୍ମୀ ଭାବେ ଉଲି ହାଟିଙ୍ଗ୍ ଅଙ୍ଗନୱାଡି କେନ୍ଦ୍ରର ନିରଞ୍ଜନା ବେହେରା, ଆଦର୍ଶ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ ଜୁଙ୍ଗା ଉପକେନ୍ଦ୍ରର ରୀତାରାଣୀ ଜେନା, ଆଦର୍ଶ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଭାବେ ବରେଇଗୋଡା ଉପକେନ୍ଦ୍ରର ଦୀପକ କୁମାର ସେଠୀ, ଆଦର୍ଶ ଡାକ୍ତର ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଘଟଗାଁର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମୁକ୍ତିକାନ୍ତ ନାୟକ, ଆଦର୍ଶ ଏସ୍.ଏଚ୍.ଜି. ଭାବେ ମା' ତାରିଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭଙ୍ଗଙ୍କୁ ସମ୍ମାନିତ କରାଯାଇଥିଲା। ଆଦର୍ଶ ଉଦ୍ୟାନ କୃଷକ ଭାବେ ଇଚିଣ୍ଡା ଗ୍ରାମର ପ୍ରମୋଦ ମହାନ୍ତ,ବୃକ୍ଷରୋପଣ କ୍ଷେତ୍ରରେ ଆଦର୍ଶ ବିଦ୍ୟାଳୟ ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟ ଘଟଗାଁ,ଶ୍ରେଷ୍ଠ ଫୁଟବଲ ଖେଳାଳି ଭାବେ ଭୁଲୁଦା ଗ୍ରାମର ପିଙ୍କୁନ୍ କୁମାର ନାଏକ, ଆଦର୍ଶ ସରକାରୀ ଡ୍ରାଇଭର ଭାବେ ଝୁମ୍ପୁରା ବ୍ଲକ୍ କାର୍ଯ୍ୟାଳୟର ଡ୍ରାଇଭର ବସନ୍ତ କୁମାର ସାହୁ ସମ୍ବର୍ଦ୍ଧିତ ହୋଇଥିଲେ। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବ୍ଲକ୍ ଭାବେ ଚମ୍ପୁଆ ବ୍ଲକ, ଗ୍ରାମୀଣ ଆବାସ ଯୋଜନାରେ ଉତ୍କର୍ଷତା ପାଇଁ ଚମ୍ପୁଆ ଓ ଘଟଗାଁ ବ୍ଲକ୍, ଶ୍ରେଷ୍ଠ ପୌରପାଳିକା ଭାବେ ବଡବିଲ୍ ପୌରପାଳିକା, ରକ୍ତଦାନ ଶିବିର ଲାଗି ସମ୍ଭାବନା ଆଦି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# 'ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳ ଆଣିବ ସମୃଦ୍ଧି'

କେନ୍ଦୁଝର,୧୬।୮ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ମାଟି ବୀର ମାଟି । ଏମାଟିର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଯୁବ ପିଢି ପାଇଁ ଆଦର୍ଶ । ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ହେଲେ କେନ୍ଦୁଝରକୁ ଏକ ସମୃଦ୍ଧିଶାଳୀ ଅଗ୍ରଣୀ ଜିଲାରେ ପରିଣତ କରାଯାଇ ପାରିବ ବୋଲି କେନ୍ଦୁଝର ଷ୍ଟାଡିୟମଠାରେ ୭୩ ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସମୃଦ୍ଧ ଭାରତ ଓ ସମୃଦ୍ଧ ଓଡିଶା ଗଠନ ପାଇଁ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାନସିକ ରୋଗ ସଚେତନତା ରଥ ଷ୍ଟାଡିୟମ ପରିକ୍ରମା କରିଥିଲା । ଜିଲାପାଳ ଆଶିଷ ଠାକରେ

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହ


ମୁଖ୍ୟଅତିଥି ପରେଡ଼ ଅଭିବାଦନ ଗ୍ରହଣ କରୁଛନ୍ତି।

ଓ ଡି.ଆଇ.ଜି. ପୋଲିସ ଜୟ ନାରାୟଣ ପଙ୍କଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାରୋହର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ଧାରାବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ବିମଳ ଚନ୍ଦ୍ର ରାଉତ ଆନୁଷ୍ଠାନିକ ଭାବେ ପରେଡ୍ ପରିଚାଳନା କରିଥିଲେ।

ଏହି ଅବସରରେ କୃତୀ ଛାତ୍ରୀଛାତ୍ର ଓ ସରକାରୀ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଚିତ୍ତାକର୍ଷକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ନିମନ୍ତେ କିଡ୍‌ସ ପବ୍ଲିକ୍ ସ୍କୁଲ୍ କେନ୍ଦୁଝର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝର, ସରସ୍ୱତୀ ଶିଶୁ ମନ୍ଦିର ମଣିଆପାଟ ଏବଂ ନିର୍ମଳା କନ୍‌ଭେଣ୍ଟ ସ୍କୁଲ୍ ଦଳକୁ ପୁରସ୍କୃତ କରାଯାଇଥିଲା । ସେହିପରି ମିଳିତ ପରେଡ୍‌ରେ ଏନ୍.ସି.ସି./ ସ୍କାଉଟ୍ / ଗାଇଡ୍/ରେଡ୍‌କ୍ରସ ବର୍ଗରେ ଏନ୍.ସି.ସି. ଏନ୍.ଏସ୍. ପୋଲିସ୍ ହାଇସ୍କୁଲ୍ (ବାଳିକା ଦଳ) କେନ୍ଦୁଝର, ସିଭିଲିଆନ୍ ସିନିୟର୍ ବର୍ଗରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ (ବାଳକ ଦଳ) ଏବଂ ସିଭିଲିଆନ୍ ଜୁନିୟର ବର୍ଗରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର କେନ୍ଦୁଝରକୁ ମୁଖ୍ୟ ଅତିଥି ସିଲଡ୍ ପ୍ରଦାନ କରିଥିଲେ । ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ସକାଳେ ମାଲ୍ୟାର୍ପଣ କରିଥିଲେ । ପ୍ରତ୍ୟୁଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ରାମଧୁନ ପ୍ରଚାର କରାଯାଇଥିଲା। ଅପରାହ୍ନରେ ନଗର ଭବନଠାରେ ମିଳନୀ ସାହିତ୍ୟ ସଂସଦ ସହଯୋଗରେ କବିତା ପାଠୋତ୍ସବ, କେନ୍ଦୁଝର ଷ୍ଟାଡିୟମ୍‌ରେ ଜିଲାପାଳଙ୍କ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ନଗରଭବନଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷିତ ହୋଇଥିଲା ।



ଆନନ୍ଦପୁରଠାରେ ଉପଖଣ୍ଡ ପରେଡ଼ରେ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।



ଢେଙ୍କିକୋଟରେ ଛାତ୍ରୀଛାତ୍ରଙ୍କ ସହର ପରିକ୍ରମା।



ବଡ଼ବିଲ୍‌ରେ ଅତିଥି ପରେଡରେ ଅଭିଭାଦନ ଗ୍ରହଣ କରୁଛନ୍ତି।



ପାଟଣା ବିଧାୟକ ଜଗନ୍ନାଥ ନାଏକ ଅଭିବାଦନ ଗ୍ରହଣ କରୁଛନ୍ତି।



ଝୁମ୍ପୁରାରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରେଡ଼ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ବଡ଼ବିଲ କଲେଜରେ ଚାରାରୋପଣ

ବଡବିଲ,୧୬।୮ (ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲସ୍ଥିତ ତାଲୁକ ଆଇନସେବା ସମିତି ପକ୍ଷରୁ ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବଡବିଲ କଲେଜ ପରିସରରେ ଚାରାରୋପଣ କରାଯାଇଥିଲା। ବଡବିଲ ତାଲୁକ ଆଇନ ସେବାସମିତି ଅଧକ୍ଷ ପତିତପାବନ ପଣ୍ଡା, ବଡବିଲ କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପକ ମନମୋହନ ବଳିୟାରସିଂହ, ଫରେଷ୍ଟର ଦଶରଥ ଗିରିଙ୍କ ସହ ଅନ୍ୟ ଅଧ୍ୟାପକ, କର୍ମଚାରୀ, ବନବିଭାଗ କର୍ମଚାରୀ, କୋର୍ଟ କର୍ମଚାରୀ ଓ ଆଇନଜୀବୀ ଏଥିରେ ସାମିଲ ହୋଇ ଚାରାରୋପଣ କରିଥିଲେ।

### ବାଜପେୟୀଙ୍କ ସ୍ମୃତିରେ ସଭା

କେନ୍ଦୁଝର,୧୬।୮ ( ସ୍ୱ.ପ୍ର.)- ସ୍ଥାନୀୟ ଫିଲାଟେଲି ସୋସାଇଟି ଆନୁକୂଲ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ତାଙ୍କ ସ୍ମୃତିରେ କେନ୍ଦୁଝରସ୍ଥିତ ଏକ ହୋଟେଲ ପରିସରରେ ଶୁକ୍ରବାର ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଜପେୟୀଙ୍କ ସ୍ମୃତିରେ ଏକ ଡାକ ଲଫାପା ଉନ୍ମୋଚିତ ହୋଇଥିଲା। ଅନିଲ ଧୀର, ମୁରଲୀ ମନୋହର ଶର୍ମା ବକ୍ତବ୍ୟ ରଖି ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଫିଲାଟେଲି ସୋସାଇଟିର ଡାକ୍ତର ଚନ୍ଦ୍ରଶେଖର ବୈଶାଖ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉଲ୍ଲେଖନୀୟ ଯେ, ବାଜପେୟୀଙ୍କ ଦେହାନ୍ତ ଦିନ ଯେ ଏହି ଡାକ ଲଫାପା ପୋଷ୍ଟ କରାଯାଇଥିଲା। ତାଙ୍କ ଚିନ୍ତାଧାରାକୁ ବିଶ୍ୱରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏଭଳି ପ୍ରୟାସ କରାଯାଇଥିଲା ବୋଲି ସଭାରେ କୁହାଯାଇଥିଲା।

### ବିଜୁ ଯୁବ ବାହିନୀର ବୃକ୍ଷରୋପଣ



ହାଟଡିହୀ,୧୬।୮(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆମ୍ବୋ ପଞ୍ଚାୟତର ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ବାହିନୀ ସଭାପତି ମହେନ୍ଦ୍ର ଜେନାଙ୍କ ନେତୃତ୍ୱରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାସ ଚନ୍ଦ୍ର ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଏଥିରେ ଭାଗ ନେଇଥିଲେ।

### କେନ୍ଦୁଝରରେ ରକ୍ଷାବନ୍ଧନ ସମାରୋହ

କେନ୍ଦୁଝର/ଢେଙ୍କିକୋଟ, ୧୬।୮ (ସ୍ୱ.ପ୍ର/ଡି.ଏନ.ଏ.)- ସ୍ଥାନୀୟ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରକ୍ଷାବନ୍ଧନ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ସର୍କିଟ ହାଉସ ଠାରେ ବ୍ରହ୍ମ କୁମାରୀ ବିନ୍ଦୁ ଏସସି,ଏସଟି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ହାତରେ ରାଖି ବାନ୍ଧିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଆଶୀଷ ଥାକରେ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦୁଝର ସେବା କେନ୍ଦ୍ର ଠାରେ ଏକ ସ୍ୱତନ୍ତ୍ର ସଭା ରେ ଡିଏଫଓ ସନ୍ତୋଷ ଯୋଶୀ, ପୌରପାଳିକା ନିର୍ବାହୀ ଅଧିକାରୀ ନିରନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଆୟୋଜିତ ସଭାରେ ବିଧାୟକ ମୋହନ ଚରଣ ମାଝୀ, ଏମଏସପି ଷ୍ଟିଲ ର ସଭାପତି ଇଂ ଦେବବ୍ରତ ସ୍ୱାଇଁ ଯୋଗଦେଇଥିଲେ। ବ୍ରହ୍ମ କୁମାରୀ ବିନ୍ଦୁ ରକ୍ଷା ବନ୍ଧନ ପର୍ବର ମହତ୍ୱ ସମ୍ପର୍କରେ କହିଥିଲେ। ବ୍ରହ୍ମ କୁମାରୀ ଜୟନ୍ତୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବ୍ରହ୍ମକୁମାର କୃତିବାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭଉଣୀମାନେ ରାଖୀ ବାନ୍ଧି ଭାଇ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା କାରାଗାରର ଅନ୍ତେବାସୀ, ଜିଲା ମୁଖ୍ୟଚିକିତ୍ସାଳୟନ୍‌ରେ ରୋଗୀ ଓ କର୍ମଚାରୀ, ଜିଲା ଓକିଲ ସଂଘର ସଦସ୍ୟ ଓ ଜିଲା ଜଜ୍‌କୋର୍ଟକୁ ଯାଇ ସେମାନେ ମଧ ବିଚାରପତିଙ୍କ ହାତରେ ରାଖୀ ବାନ୍ଧିଥିଲେ। ବ୍ରହ୍ମକୁମାରୀ ପ୍ରତିଭା, ଅର୍ଚ୍ଚନା, ସ୍ୱାତୀ, ପିଙ୍କି, ସୁ, ତାରା, ଓ ବ୍ରହ୍ମ କୁମାର କୃତିବାସ, କୁଳମଣୀ, ପୀତବାସ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଢେଙ୍କିକୋଟରେ ରକ୍ଷାବନ୍ଧନ ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଥିଲା। ଗ୍ରାମାଞ୍ଚଳ ଘରେ ଘରେ ପିଠାପଣାର ଆସର ଜମିଥିଲା।

# ଜାତୀୟତାର ମହାନ୍ ପର୍ବ

କେନ୍ଦୁଝର/ ଝୁମ୍ପୁରା/ଢେଙ୍କିକୋଟ/ କୋଲିମାଟି, ୧୬।୮ (ଡି.ଏନ.ଏ.)

କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ୭୩ତମ ସ୍ୱାଧୀନତା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଥିଲା। ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, କ୍ଲବ ଘର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଛକ ଜାଗାରେ ତ୍ରିରଙ୍ଗା ଉଡାଯାଇଥିଲା। ସମସ୍ତେ ମିଳିମିଶି ଜାତୀୟତାର ଏହି ମହାନ ପର୍ବକୁ ପାଳନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଉତ୍ସବମୁଖର କରିଥିଲା।

ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପଡିଆଠାରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସରେ ବିଡିଓ ଜୟଶ୍ରୀ ବେଉରା ପତାକା ଉତ୍ତୋଳନ କରିଥିଲେ। ପରେଡ ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଝୁମ୍ପୁରା ଅଟୋ ଆସୋସିଏଶନ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ଢେଙ୍କିକୋଟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ର ସକାଳେ ରାମଧୁନ ଗାନ କରି ସହର ପରିକ୍ରମା କରିଥିଲେ। ପରେ ସେମାନେ ନିଜ ନିଜ ଅନୁଷ୍ଠାନକୁ ଯାଇ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଢେଙ୍କିକୋଟ ବଣିକ ସଂଘ ଓ ମା' ତାରିଣୀ କ୍ଲବ ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଲକ୍ଷ୍ମଣ ମହାନ୍ତି, ବଣିକ ସଂଘରେ ସଭାପତି ରାମଚନ୍ଦ୍ର ସାହୁ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ପରିଚାଳକ ଭବାନୀ ପ୍ରସାଦ ବରାଳ, ପ୍ରଶଥମିକ ବିଦ୍ୟାଳୟରେ ମିନତି ମହାରଣା, ହାଇସ୍କୁଲରେ ପଦ୍ମଲୋଚନ ସାହୁ, ବାଳିକା ହାଇସ୍କୁଲରେ ସ୍ୱର୍ଣ୍ଣମଞ୍ଜରୀ ସାହୁ , ମହାବିଦ୍ୟାଳୟରେ ଅଧକ୍ଷ ମିନକେତନ ଗିରି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଆନନ୍ଦପୁର ବ୍ଲକ କୋଲିମାଟି ଅଞ୍ଚଳର ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟ, କୋଲିମାଟି ପଞ୍ଚାୟତ, ପ୍ରାଥମିକ ବିଦ୍ୟାଳୟ, ଅଲିଭା ଯୁବଶିକ୍ଷା ମାଗଣା କେନ୍ଦ୍ରରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ସ୍କୁଲ ପିଲାମାନେ ହାତରେ ତ୍ରିରଙ୍ଗା ପତକା ଧରି ବିଭିନ୍ନ ସ୍ଲୋଗାନ ଦେଇ ସମସ୍ତ ଗାଁ ପରିକ୍ରମା କରିଥିଲେ । ପ୍ରଧାନ ଶିକ୍ଷକମାନେ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

## ସମୂହ ପରେଡ, ଜାତୀୟ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମ

ତେଲକୋଇ,୧୬।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟର ବିଭିନ୍ନ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଚାରିଗଡ ମହାବିଦ୍ୟାଳୟ ପ୍ରାଙ୍ଗଣରେ ସମୂହ ପରେଡ କରାଯାଇଥିଲା। ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ନାୟକ, ବିଡିଓ ଦିଲୀପ କୁମାର ବାରା ଏବଂ ବ୍ଲକ ଅଧ୍ୟକ୍ଷ ମମତା ଦେହୁରୀ ପ୍ରମୁଖ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ସ୍କୁଲ, ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ର ପରେଡରେ ଭାଗ ନେବା ସହ ଜାତୀୟ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ଏହି ବ୍ଲକର ସମସ୍ତ ସ୍କୁଲ,ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ତେଲକୋଇ ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପରେଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଶିଶୁ ମନ୍ଦିର, ଆଦର୍ଶ ବିଦ୍ୟାଳୟ, ଦୋବଲାପାଳ ଉଚ୍ଚ ବିଦ୍ୟାଳୟ, ତେଲକୋଇ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ନେଇ ପୁରସ୍କୃତ କରାଯାଇଥିଲା । ସଭାପରିଚାଳନା କରିଥିଲେ ନାରାୟଣ ସେନାପତି ।

## ଦେଶାତ୍ମବୋଧକ କାର୍ଯ୍ୟକ୍ରମ ମନ ମୋହିଲା

ପାଟଣା,୧୬।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣାରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ଷ୍ଟାଡିୟମ ସନ୍ନିକଟ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡ଼ିଓ ପ୍ରଫୁଲ୍ଲ କୁମାର ନାଏକ, ବିଇଓ ପୂର୍ଣ୍ଣଚନ୍ଦ୍ର ଓମାତ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ ଓ ଜିଲାପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀଧର ମହାନ୍ତ ପରେଡ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଦେଶାତ୍ମବୋଧକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପସ୍ଥିତ ଜନତାଙ୍କ ମନ ମୋହିଥିଲା। ଏହାବାଦ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ର ଜୟନ୍ତ କୁମାର ମହାନ୍ତ, ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ମହାନ୍ତ, ଶିକ୍ଷକ ସାରଥ ନାଏକ, ଗୃହରକ୍ଷୀ ଗନ୍ଧର୍ବରାଜ ମିଶ୍ର, ପ୍ରମୋଦ କୁମାର ଭଞ୍ଜଦେଓ ଓ ହରପ୍ରିୟା ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପାଟଣା ତହସିଲରେ ତହସିଲଦାର ଶିବପ୍ରସାଦ ମୁର୍ମୁ, ପାଟଣା ଥାନାରେ ଥାନାଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ, ସ୍ଥାନୀୟ ମହାବିଦ୍ୟାଳୟରେ ବିଧାୟକ ନାଏକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିବେକାନନ୍ଦ ଦାଶ, ମୁକ୍ତି ତୀର୍ଥ କ୍ଲବ, ସ୍ୱାମରେ ବୀରକିଶୋର ଦାଶ, କପୁଣ୍ଡି ସାଇନିଂ କ୍ଲବରେ ମହେଶ୍ୱର ପୃଷ୍ଟି ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ମିଳିତ ପରେଡରେ ଭାଗ ନେଲେ ୩୬ ଟ୍ରୁପ୍

ବଡବିଲ, ୧୬।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲର ଉତ୍ସବ ପଡିଆରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ତହସିଲଦାର କ୍ଷୀରୋଦ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୌରାଞ୍ଚଳ ଓ ଆଖପାଖ ସ୍କୁଲର ୩୬ ଟି ଟ୍ରୁପ ମିଳିତ ପରେଡରେ ଭାଗ ନେଇଥିଲେ। ଫିଲ୍ଡ-କମାଣ୍ଡର-ଇନ-ଚିଫ୍ ପ୍ରତାପ କିଶୋର ଦାସଙ୍କ ନେତୃତ୍ୱରେ ସ୍କୁଲ ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ପରେଡ ପ୍ରଦର୍ଶନ କରିଥିଲେ। ପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶାତ୍ମବୋଧ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍କୁଲରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି କାର୍ଯ୍ୟାଳୟ ପରିସରରେ ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ମିଶ୍ର, କଳାକଳ୍ପନାରେ ଅବସରପ୍ରାପ୍ତ ସହକାରୀ ବନ ସଂରକ୍ଷକ ପଦ୍ମନାଭ ରାଉତ, ନୀଳାଚଳ ସାଂସ୍କୃତିକ ପରିଷଦରେ ଭରତ ଚନ୍ଦ୍ର ଦଳେଇ ଓ ବଡବିଲ ଜେଏମ୍ଏଫ୍‌ସି କୋର୍ଟରେ ମାଜିଷ୍ଟ୍ରେଟ ପତିତପାବନ ପଣ୍ଡା, ପୌର କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ସଭାଗୃହ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ହାଟଡିହୀ, ୧୬।୮(ଡି.ଏନ୍.ଏ.)



ଫିତାକାଟି ଶିଳାନ୍ୟାସ ଫଳକ ଉଦ୍‌ଘାଟନ କରାଯାଉଛି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପରିସରରେ ଏକ ସଭାଗୃହ ନିର୍ମାଣ କରାଯିବ। ଏହି ଗୃହ ନିର୍ମାଣ ସକାଶେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ ନଡିଆ ଫିଟିବା ସହ ନାଲିଫିତା କାଟି ଭତ୍ତିପ୍ରସ୍ତରକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ସାମାଜିକ କର୍ମୀ ବୁଦ୍ଧଦେବ ଜେନା, କାମପାଳ ନାୟକ, ବ୍ଲକ ଅଧ୍ୟକ୍ଷା ସଞ୍ଜୁଲତା ବିଶ୍ୱାଳ, ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ବିଡିଓ ସୁଶାନ୍ତ କୁମାର ବାରିକଙ୍କ ସମେତ ବ୍ଲକ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

ଏଥିପୂର୍ବରୁ ହାଟଡିହୀ ବ୍ଲକ ପରିସରରେ ଆୟୋଜିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲଦାର ଗାୟତ୍ରୀ ସୋରେନ, ବ୍ଲକ ଅଧକ୍ଷା ସଞ୍ଜୁଲତା ବିଶ୍ୱାଳ, ଉପାଧକ୍ଷ ନରେନ୍ଦ୍ର ନାୟକ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ସାମାଜିକ କର୍ମୀ କାମପାଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ସୁଶାନ୍ତ କୁମାର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପରେ ବିଧାୟକ ୬୫ ଜଣ ଭୂମିହୀନ ପରିବାରକୁ ଜମିପଟ୍ଟା ବଣ୍ଟନ କରଥିଲେ।

## ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ଉତ୍ସବ

କେନ୍ଦୁଝର, ୧୬।୮ (ସ୍ୱ.ପ୍ର.)

କେନ୍ଦୁଝରର ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ଗୁରୁବାର ଧୁମଧାମରେ ପାଳିତ ହୋଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ସାଧାରଣ ସଭାରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ବିଦ୍ୟାଳୟର ସଭାପତି କାର୍ତ୍ତିକ ମିଶ୍ର, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ହରମୋହନ ପଟ୍ଟନାୟକ, ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର କୁମାର ଅଗସ୍ତି ଅତିଥି ଭାବରେ ଯୋଗ ଦେଇଥିଲେ। କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପାର୍କଲାଇନ ସ୍ଥିତ କର୍ମଚାରୀ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଆଶୀଷ ଥାକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସଂଗଠନର ଅଧକ୍ଷ ଚିତ୍ରଲେଖା ଦାସ, ସଭାପତି କୃଷ୍ଣଚନ୍ଦ୍ର ପରିଡା, କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ସାହୁ, ସାଧାରଣ ସଂପାଦକ ଜିତେନ୍ଦ୍ର କୁମାର ଗନ୍ତାୟତ, ଅର୍ଥ ସମ୍ପାଦକ ରଘୁନାଥ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସାମିଲ ହୋଇଥିଲେ। ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ସ୍ୱାଧୀନତା ଦିବସରେ ବିଦ୍ୟାଳୟର ସମ୍ପାଦକ ରକ୍ଷାକର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ରୌପଜୟନ୍ତୀର ସଭାପତି ଯୋଗେନ୍ଦ୍ର ନାଥ ସାହୁ ଏହି ଅବସରରେ ରୌପଜୟନ୍ତୀ ପ୍ରତୀକ ଉନ୍ମୋଚନ କରିଥିଲେ । ସଦର ବ୍ଲକ କାଉଁରୀକଳା ପଞ୍ଚାୟତରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ସରପଞ୍ଚ ବୀରବର ମାଝୀ ପତାକା ଉତ୍ତୋଳନ କରିଥିଲେ । ଅନୁଷ୍ଠିତ ପରେଡରେ ସ୍ଥାନୀୟ ବଉଳମାଳ ଉଚ୍ଚ ବିଦ୍ୟାଳୟ, କାଉଁରୀକଳା ଉଚ୍ଚ ବିଦ୍ୟାଳୟ, ଶ୍ରୀଗଣେଶ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

## ପୁରସ୍କୃତ ହେଲେ ଶ୍ରେଷ୍ଠ ଚାଷୀ, ଛାତ୍ରୀଛାତ୍ର

ଆନନ୍ଦପୁର,୧୬।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁରଠାରେ ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ଉପଖଣ୍ଡସ୍ତରୀୟ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଚାଷୀ ଏବଂ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନନ୍ଦପୁର ଷ୍ଟାଡିୟମ୍‌ଠାରେ ପତାକା ଉତ୍ତୋଳନ କରି ୩୮ ପରେଡ୍ ଟ୍ରୁପଠାରୁ ଅଭିଭାଦନ ଗ୍ରହଣ କରିଥିଲେ। ପରେ ଶ୍ରେଷ୍ଠ ଚାଷୀ ଭାବେ ବେଲବାହାଳି ଗ୍ରାମର ସୁବାସ ସାହୁଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି ଶ୍ରେଷ୍ଠ ମାଟ୍ରିକ୍ୟୁଲେଟ୍ ଭାବେ ନେହେରୁ ହାଇସ୍କୁଲ ସାଇଁକୁଳର ସତ୍ୟକାନ୍ତ ବେହେରା, ଜପି ଦାସ ବିଦ୍ୟାମନ୍ଦିର ବଡରମ୍ପାସର ବିଶ୍ୱଜିତ୍ ସ୍ୱାଇଁ, ବଂଶୀଧର ବିଦ୍ୟାପୀଠ ମଦନପୁରର ଅନ୍ୱେଷା ଶତପଥୀ, ଶ୍ରେଷ୍ଠ ସିବିଏସଇ ଭାବେ ଜବାହର ନବୋଦୟ ବିଦ୍ୟାଳୟର ଶକ୍ତି ପ୍ରସନ୍ନ ମହାପାତ୍ର, ଦିବ୍ୟଜ୍ୟୋତି ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆନନ୍ଦପୁରର ନିଖିଳ ଭୂୟାଁ ପୁରସ୍କୃତ ହୋଇଥିଲେ। ପରେଡରେ ଅଂଶଗ୍ରହଣ କରିଥିବା ଏନସିସିରେ ଆନନ୍ଦପୁର ମହାବିଦ୍ୟାଳୟ ପ୍ରଥମ, ଜବାହର ନବୋଦୟ ବିଦ୍ୟାଳୟ



ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦ୍ୱିତୀୟ, ହାଟଡିହୀ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଗାଇଡ ଏବଂ ଜୁନିୟର୍ ରେଡକ୍ରସରେ ଝାଡେଶ୍ୱର ନୋଡାଲ ହାଇସ୍କୁଲ ପ୍ରଥମ, ବ୍ରଜବନ୍ଧୁ ବିଦ୍ୟାପୀଠ ଆନନ୍ଦପୁର ଦ୍ୱିତୀୟ, କ୍ଷେତ୍ରମୋହନ ବିଦ୍ୟାପୀଠ ଶାଳପଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସବ ଜୁନିୟର୍ ଗ୍ରୁପରେ ସେଣ୍ଟ ଜାଭିୟର୍ସ ସ୍କୁଲ ଘସିପୁରା, କନକମଞ୍ଜରୀ ବାଲଶିକ୍ଷା ସଂସ୍ଥାନ ଦ୍ୱିତୀୟ, ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ତୃତୀୟ, ଜୁନିୟର୍ ଗ୍ରୁପରେ ବାଲ ଶିକ୍ଷା ସଂସ୍ଥାନ ଘସିପୁରା ପ୍ରଥମ, ସରସ୍ୱତୀ ଶିଶୁମନ୍ଦିର ଆନନ୍ଦପୁର ଦ୍ୱିତୀୟ, ସରସ୍ୱତୀ ଶିଶୁ ମନ୍ଦିର ଘସିପୁରା ତୃତୀୟ, ସିନିୟର୍ ଗ୍ରୁପରେ ଫକୀରପୁର ହାଇସ୍କୁଲ ପ୍ରଥମ, ସରସ୍ୱତୀ ଶିଶୁ ମନ୍ଦିର ଆନନ୍ଦପୁର ଦ୍ୱିତୀୟ, ପ୍ରାକ୍ଟିସିଂ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସୁପର ସିନିୟର୍ ଗ୍ରୁପରେ ସରକାରୀ ଆଇଟିଆଇ ଆନନ୍ଦପୁର ପ୍ରଥମ ଏବଂ ଆନନ୍ଦପୁର ମହାବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଚିତ୍ରା ନନ୍ଦ ନାୟକ ପରେଡ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଆନନ୍ଦପୁର ଉପକାରାଗାରର ଅନ୍ତେବାସୀମାନଙ୍କୁ ଆନନ୍ଦପୁର ଅଟୋ ଆସୋସିଏଶନ୍ ପକ୍ଷରୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଆନନ୍ଦପୁର କୋର୍ଟ ପରିସରରେ ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ, ଓକିଲ ସଂଘ ପକ୍ଷରୁ ସଭାପତି ସଞ୍ଜୟ କୁମାର ମିଶ୍ର, ଆନନ୍ଦପୁର ବ୍ଲକରେ ବିଡିଓ ଶୁଭ୍ରବାଳା ବେହେରା, ଘସିପୁରା ବ୍ଲକରେ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ, ସରକାରୀ ଆଇଟିଆଇ ଆନନ୍ଦପୁରରେ ଅଧ୍ୟକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ସେହିପରି ରାମଚନ୍ଦ୍ରପୁର ଅଞ୍ଚଳ ଜରଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କଳ୍ପତରୁ ନାଥ, ରାମଚନ୍ଦ୍ରପୁରର ଲକ୍ଷ୍ମୀନାରାୟଣ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ, ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଜେନା, ରାମଚନ୍ଦ୍ରପୁର ଥାନା ପରିସରରେ ଆଇଆଇସି ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ବିଦ୍ୟୁତ୍ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ସାହୁ, ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀସମ୍ପଦ ନିରୀକ୍ଷକ ଅଜୟ କୁମାର ପଣ୍ଡା, ବ୍ୟାଙ୍କ ଅଫ ଇଣ୍ଡିଆ ପରିସରରେ ଶାଖା ପ୍ରବନ୍ଧକ ସୁନନ୍ଦ କୁମାର ନାୟକ, ରାଜସ୍ୱ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ବିଜୟଲକ୍ଷ୍ମୀ ନାୟକ, ହୋମିଓପ୍ୟାଥିକ ଚିକିତ୍ସାଳୟରେ ଡାକ୍ତର ଗୌତମ ଦାଶ, ଟେଲିଫୋନ୍ କାର୍ଯ୍ୟାଳୟରେ ନିତ୍ୟାନନ୍ଦ ବରାଳ, ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଆରତୀ ବେହେରା ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।